

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୪ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 FEBRUARY 2022

Vol.No. 33 ■ No. 43 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବଡ଼ ସ୍କାମ : ୨୮ଟି ବ୍ୟାଙ୍କରୁ ୨୨,୮୪୨ କୋଟିର ଠକେଇ

ନୂଆଦିଲ୍ଲୀ, ୧୩/୦୨ : ଦେଶର ସବୁଠୁ ବଡ଼ ବ୍ୟାଙ୍କ ସ୍କାମ। କୋଟିଏ କି ଦୁଇ କୋଟି ନୁହେଁ କିମ୍ବା ଶହେ କି ଦୁଇ ଶହ କୋଟି ବି ନୁହେଁ। ଏକାଥରକେ ୨୨ ହଜାର ୮୪୨ କୋଟି ଟଙ୍କାର ହୋଇଛି ଠକେଇ। ତା'ପୁଣି ଭାରତୀୟ ଷ୍ଟେଟ ବ୍ୟାଙ୍କ ସମେତ ଅନ୍ୟ ୨୭ଟି ବ୍ୟାଙ୍କକୁ ଲଗାଯାଇଛି ଚୁନା। ଗତକାଲି ଏତେବଡ଼ ବ୍ୟାଙ୍କ ଠକେଇ ହୋଇଥିବା କଥା ପଦାକୁ ଆସିଛି। ଜାହାଜ ନିର୍ମାଣକାରୀ ତଥା ମରାମତି କରୁଥିବା ଦେଶର ଏକ ପ୍ରମୁଖ କମ୍ପାନି ଏବିଜି ସିପ୍ୟାର୍ଡ ଲିମିଟେଡ୍ ନାଁରେ ଆସିଛି ଏଭଳି ସାଂଘାତିକ ଅଭିଯୋଗ। ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍-ସିବିଆଇ କମ୍ପାନି ନାଁରେ ମାମଲା ରୁଜୁ କରିବା ସହ ଦେଶରେ ଅନେକ ସ୍ଥାନରେ ଚଢ଼ାଉ କରିଛି। ମୁମ୍ବାଇର ଓଭରସିସ୍ ଭାରତୀୟ ଷ୍ଟେଟ ବ୍ୟାଙ୍କ

ବ୍ରାଞ୍ଚରୁ ଏହି ଠକେଇ ଆରମ୍ଭ ହୋଇଛି। ପରେ ଦିଲ୍ଲୀର ଏକାଧିକ ଶାଖାରେ ସମାନ ଭାବେ ଠକେଇ କରାଯାଇଛି। ଏପ୍ରିଲ ୨୦୧୨ରୁ ଜୁଲାଇ ୨୦୧୭ ମଧ୍ୟରେ SBIର ୨୯୨୫ କୋଟି, ICICI ୭୦୮୯ କୋଟି, ବ୍ୟାଙ୍କ ଅଫ୍ ବରୋଦାର ୧୬୧୪ କୋଟି, ପିଏନ୍‌ବି ୧୨୪୪ କୋଟି ଠକେଇ, ଆଇଡିବିଆଇ ୩,୬୩୯ କୋଟି ଠକେଇ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ୧,୨୨୮ କୋଟି ଠକେଇର ଶିକାର ହୋଇଛନ୍ତି। ଦୁଇ ଦଶନ୍ଧି ଧରି ସୁରତ ଓ ମୁମ୍ବାଇରେ ଜାହାଜ ନିର୍ମାଣ କରୁଛି ଏବିଜି ଲିମିଟେଡ୍। ଏହାରି ଭିତରେ ୧୬୦ରୁ ଅଧିକ ଜାହାଜର ନିର୍ମାଣ କରିଥିବା କମ୍ପାନି ବ୍ୟାପକ ମାତ୍ରାରେ କ୍ଷତି ସହିଥିଲା। ଏହାର ଭରଣା କରିବାକୁ ଯାଇ ଋଣ ଓ ଗୋଟିଏ ବ୍ୟାଙ୍କରୁ ଅନ୍ୟ ଏକ ବ୍ୟାଙ୍କକୁ ଲୋନ୍ ଅଣାଯାଇ ଠକେଇ କରିଥିବା ଜଣାପଡ଼ିଛି। ଏବେ ଏହି ମାମଲାରେ ସିବିଆଇ ଏବିଜିର ତତ୍କାଳୀନ ପ୍ରତିଷ୍ଠାତା ଚେୟାରମ୍ୟାନ୍ ଓ ଏମ୍‌ଡି ରିଶି କମଲେଶ ଅଗ୍ରୱାଲଙ୍କ ସମେତ ଅନେକ ଲୋକଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେଥିରେ ରହିଛନ୍ତି କମ୍ପାନିର ନିର୍ଦ୍ଦେଶକ ଅଶ୍ୱିନୀ କୁମାର, ସୁଶୀଲ ଅଗ୍ରୱାଲ୍, ରବି ବିମଲ୍ ପ୍ରମୁଖ। ଏହି ସମସ୍ତଙ୍କ ବିରୋଧରେ ଠକେଇ, ଅପରାଧିକ ଷଡ଼ଯନ୍ତ୍ର ରଚିବା, ଅପରାଧିକ ବିଶ୍ୱାସ ଭଙ୍ଗ, ପଦବୀର ଅପବ୍ୟବହାର ଆଦି ମାମଲା ରୁଜୁ ହୋଇଛି। ପିଏନ୍‌ବି ସ୍କାମ୍ ମାମଲାରେ ନିରବ ମୋଦି ନାଁରେ ୧୪ ହଜାର କୋଟି ଟଙ୍କା ଠକେଇ ମାମଲା ଥିଲା। ହେଲେ ଏବେ ଏହା ତାକୁ ବି ଟପି ଯାଇଛି।

## ଆଜି ଉତ୍ତରାଖଣ୍ଡର ୭୦ ଓ ଗୋଆର ୪୦ଟି ଆସନରେ ଭୋଟ୍

ନୂଆଦିଲ୍ଲୀ, ୧୩/୦୨ : ଆସନ୍ତାକାଲି ଉତ୍ତରାଖଣ୍ଡର ୭୦ ଆସନରେ ଏବଂ ଗୋଆର ୪୦ଟି ଆସନରେ ଭୋଟ୍ ଗ୍ରହଣ ହେବ । ଉଭୟ ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି । ଉତ୍ତରାଖଣ୍ଡରେ କ୍ଷମତାସୀନ ବିଜେପି ଓ ମୁଖ୍ୟ ବିରୋଧୀ କଂଗ୍ରେସ ମଧ୍ୟରେ ସିଧାସଳଖ ଟକ୍କର ହେଉଛି । ଉତ୍ତରାଖଣ୍ଡ ଓ ଗୋଆରେ ବିଧାନସଭା ନିର୍ବାଚନ ପାଇଁ ସରିଛି ପ୍ରଚାର ପର୍ବ । ଆସନ୍ତାକାଲି ଉତ୍ତରାଖଣ୍ଡର ୭୦ ଆସନରେ ଏବଂ ଗୋଆର ୪୦ଟି ଆସନରେ ଭୋଟ୍ ଗ୍ରହଣ ହେବ । ଉଭୟ ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି । ଉତ୍ତରାଖଣ୍ଡରେ କ୍ଷମତାସୀନ ବିଜେପି ଓ ମୁଖ୍ୟ ବିରୋଧୀ କଂଗ୍ରେସ ମଧ୍ୟରେ ସିଧାସଳଖ ଟକ୍କର ହେଉଛି । ନିର୍ବାଚନ ପୂର୍ବରୁ



ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଘୋଷଣା କରିଛନ୍ତି ଯେ, ଦଳ କ୍ଷମତାକୁ ଆସିଲେ ରାଜ୍ୟରେ ଯଥାଶୀଘ୍ର ୟୁନିଫର୍ମ ସିଭିଲ୍ କୋଡ୍ ପ୍ରଚଳନ କରିବ । ସେପଟେ ଗୋଆରେ ବିଜେପି ପାଇଁ ଏଥର ଲିଟମସ ଟେଷ୍ଟ ହେବାକୁ ଯାଉଛି । କାରଣ ଦଳ ସେଠାରେ ପ୍ରଥମ ଥର ପାଇଁ ବିନା କୌଣସି ମେଣ୍ଟରେ ମୈଦାନକୁ ଓହ୍ଲାଇଛି । ବିଜେପିର ଟକ୍କର ମୁଖ୍ୟ ବିରୋଧୀ କଂଗ୍ରେସ ସହିତ ହେବାକୁ ଯାଉଥିବା ବେଳେ ଶିବସେନା-ଏନସିପି ମେଣ୍ଟ, ଆମ୍ ଆଦମୀ ପାର୍ଟି, ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ମଧ୍ୟ ଭାଗ୍ୟ ପରୀକ୍ଷା କରୁଛନ୍ତି । ସେପଟେ ଉତ୍ତରପ୍ରଦେଶର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ସରିଛି ପ୍ରଚାର । ଏଥର ବି ହେଭିୱେଟଙ୍କ କ୍ୟାମ୍ପେନରେ କମ୍ପିଛି ୟୁପି । ତିନି ପ୍ରମୁଖ ଦଳ ବିଜେପି, ସମାଜବାଦୀ ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି । ଆସନ୍ତାକାଲି ▶▶ପୃଷ୍ଠା ୭

## ୧୬ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ ଆସନ୍ତା ୧୬ ତାରିଖରୁ ବର୍ଷା ହେବାର ସମ୍ଭାବନା ରହିଛି । ଉତର ଆଭ୍ୟନ୍ତରୀଣ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ୧୬ ତାରିଖରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କିଛି ଜିଲ୍ଲାରେ କୁଆପଥର ସହ ବର୍ଷା ହେବାର ସମ୍ଭାବନା ରହିଛି।

## ରାଜ୍ୟରେ ଆଉ ୨୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୨ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୮୮୪ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୮ଜଣ ରହିଥିବା ବେଳେ ସୁନ୍ଦରଗଡ଼ ୪ଜଣ, ଗଞ୍ଜାମ ଜିଲ୍ଲାରୁ ୩ଜଣ ରହିଛନ୍ତି । ସେହିପରି ଖୋର୍ଧା ଜିଲ୍ଲାରୁ ୨ ଜଣ ରହିଥିବା ବେଳେ ନବରଙ୍ଗପୁର, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଅନୁଗୁଳ ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।

## ପ୍ରଚାର କରିପାରିବେନି ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ପ୍ରମିଳା ମଲ୍ଲିକଙ୍କ ବିରୋଧରେ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାନୁଷ୍ଠାନ । ପ୍ରଚାର କରିବାରୁ ପ୍ରମିଳାଙ୍କୁ ବାରଣ କରିଛନ୍ତି କମିଶନ । ଆସନ୍ତାକାଲି ଦିନ ୧୦ଟାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ତାଙ୍କୁ ପ୍ରଚାର କରିବାକୁ ବାରଣ କରାଯାଇଛି । ଏପରିକି ଏହି ସମୟରେ ସେ ଟିଭିରେ, ଖବର କାଗଜରେ କିମ୍ବା କୌଣସି ସର୍ବସାଧାରଣ ସ୍ଥାନରେ ସାକ୍ଷାତକାର ବି ଦେଇପାରିବେ ନାହିଁ । ରାଜ୍ୟର କୌଣସି ସ୍ଥାନରେ ପ୍ରଚାର କରିପାରିବେ ନାହିଁ କିମ୍ବା ସାକ୍ଷାତକାର ଦେଇପାରିବେ ନାହିଁ । ପ୍ରଚାର କରିବାବେଳେ

ପ୍ରମିଳା ମଲ୍ଲିକ ଭୋଟରଙ୍କୁ ପରୋକ୍ଷରେ ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ସେ କହିଥିଲେ ଯଦି ବିଜେଡି ପ୍ରାର୍ଥୀଙ୍କୁ ଭୋଟ ନଦେବେ ତେବେ କେହି ଆଉ ସମସ୍ୟା ନେଇ ତାଙ୍କ ପାଖକୁ ଆସିବେ ନାହିଁ । ଏହାକୁ ନେଇ ଅନ୍ୟ ରାଜନୈତିକ ଦଳମାନେ ପ୍ରଶ୍ନ ଉଠାଇଥିଲେ । ଏବଂ ଏହି ମାମଲା ରାଜ୍ୟ ନିର୍ବାଚନ କମିଶନଙ୍କ ପାଖକୁ ଯାଇଥିଲା । ସୂଚନାନୁସାରେ, ବିଂଝାରପୁର ବ୍ଲକ୍ ଅଳକୁଣ୍ଡ ପଞ୍ଚାୟତର ଅଳକୁଣ୍ଡ ଗ୍ରାମରେ ବୁଧବାର ଦିନ ବିଜେଡି ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଗଣେଶ ସାହୁଙ୍କୁ ମାଛ ଚିହ୍ନରେ ଭୋଟ ଦେବାସହ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିଥିଲେ । ଯଦି ଆଉ କାହାକୁ ଭୋଟ୍ ଦିଅ ତେବେ ବାର୍ଦ୍ଧକ୍ୟ ଭତ୍ତା, ରାସନ ଓ ଆବାସ ଯୋଜନାରେ ଘରପାଇଁ ମୋତେ କହିବନି ବୋଲି ଉପସ୍ଥିତ ଜନସାଧାରଣଙ୍କୁ ରୋକଠୋକ ଶୁଣାଇଥିଲେ ।

## ଜେଲ୍ ଗଲେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ଜେଲ୍ ଗଲେସୁନ୍ଦରଗଡ଼ର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ର । ଦୁର୍ନୀତି ନିବାରଣ ଆଇନ ଆଧାରରେ ତାଙ୍କୁ ଭିଜିଲାନ୍ସ ଗିରଫ କରି ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆସନ୍ତା ୧୭ ତାରିଖରେ ତାଙ୍କ ଜାମିନ ଆବେଦନର ଶୁଣାଣି କରାଯିବ। ଆୟ ବର୍ହିଭୂତ ସଂପତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ରବିବାର ଗିରଫ ପରେ

କୋର୍ଟ ଚାଲାଣ କରିଥିଲାକୋର୍ଟରେ ହାଜର କରିବା ପୂର୍ବରୁ ବିଶ୍ୱଜିତ ମହାପାତ୍ରଙ୍କ ଘରୁ ବିପୁଳ ପରିମାଣର ସମ୍ପତି ସହ କିଛି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଂଟ ଭିଜିଲାନ୍ସ ହାତରେ ଲାଗିଛି। ଏହାର ସୂଚନା ଦେଇ ଭିଜିଲାନ୍ସ ଏସପି ଏମ. ରାଧାକୃଷ୍ଣନ କହିଛନ୍ତି, ଗତ ୧୧ ଓ ୧୨ ତାରିଖରେ ବିଶ୍ୱଜିତ ମହାପାତ୍ରଙ୍କ ଘର ସମେତ ▶▶ପୃଷ୍ଠା ୭

## ୭ ବର୍ଷ ପରେ ଓଡ଼ିଆ ପୁଅଙ୍କୁ ମିଳିଲା ଆଇପିଏଲ୍ ଏଣ୍ଟ୍ରି

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ଦୀର୍ଘ ୭ବର୍ଷ ପରେ ଚଳିତ ବର୍ଷ ଓଡିଶାରୁ ପୁଣି ଜଣେ ଖେଳାଳି କ୍ରିକେଟର ଫଟାଫଟ ଫର୍ମାଟ ଆଇପିଏଲରେ ସୁଯୋଗ ପାଇଛନ୍ତି । ରଣଜୀ ପ୍ଲେୟାର ବ୍ୟାଟସମ୍ୟାନ ଶୁଭ୍ରାଂଶୁ ସେନାପତିଙ୍କୁ କିଣିଛି ଚେନ୍ନାଇ ସୁପରକିଙ୍ଗ୍ସ । ଆଇପିଏଲରେ ଶୁଭ୍ରାଂଶୁ ସ୍ଥାନ ପାଇବା ପରେ ତାଙ୍କ ସାଥୀ ଖେଳାଳି ନାଚି ଉଠିଛନ୍ତି । ୭ ବର୍ଷ ପରେ ଆଉ ଜଣେ ଓଡ଼ିଆ ଖେଳାଳି ଆଇପିଏଲରେ ସୁଯୋଗ ପାଇଛନ୍ତି । ଓଡ଼ିଶା ରଣଜୀ ଟିମର ସଦସ୍ୟ ଶୁଭ୍ରାଂଶୁଙ୍କୁ ଏଥର ଆଇପିଏଲ ନିଲାମରେ କିଣିଛି ଚେନ୍ନାଇ ସୁପର କିଙ୍ଗସ୍ । ୨୦ ଲକ୍ଷ ଟଙ୍କାରେ ଶୁଭ୍ରାଂଶୁଙ୍କୁ ନିଜ ଟିମରେ ସାମିଲ କରିଛି ଧୋନୀଙ୍କ ଦଳ । ତେବେ

ବେସ୍ ପ୍ରାଇସରେ ନିଲାମ ହୋଇଛନ୍ତି ଶୁଭ୍ରାଂଶୁ । ସିଏସକେ ପକ୍ଷରୁ ଏନେଇ ଏକ ଟୁଇଟ୍ ମଧ୍ୟ କରାଯାଇଛି । ଗତବର୍ଷ ମଧ୍ୟରେ ଚେନ୍ନାଇ ଟିମ୍ ପାଇଁ ଟ୍ରାଏଲ ଦେଇଥିଲେ ଶୁଭ୍ରାଂଶୁ । ଧୋନୀ ମଧ୍ୟ ତାଙ୍କୁ ପ୍ରଶଂସା କରିଥିଲେ । ହେଲେ ଦଳରେ ସାମିଲ ହେବାର ସୁଯୋଗ ମିଳିନଥିଲା, ହେଲେ ଏଥର ଭାଗ୍ୟ ତାଙ୍କ ସପକ୍ଷରେ ଯାଇଛି । ପୂର୍ବରୁ ୨୦୧୨ରୁ ୧୫ ଯାଏଁ ସନରାଇଜର୍ସ ହାଇଦ୍ରାବାଦ ଦଳରେ ସାମିଲ ହୋଇଥିଲେ ଓଡ଼ିଆ ଖେଳାଳି ବିପ୍ଳବ ସାମନ୍ତରାୟ । ସେହିପରି ହଳଧର ଦାସ ୨୦୦୮ରୁ ୨୦୧୦ ଯାଏଁ ଡେକାନ ଚାର୍ଜସ ଓ ୨୦୧୧ରେ କେକେଆର ଟିମରେ ସାମିଲ ହୋଇଥିଲେ । ତେବେ ଆଇପିଏଲ ନିଲାମ ଯେତେବେଳେ ଚାଲେ, ଓଡ଼ିଆ କ୍ରିକେଟପ୍ରେମୀଙ୍କ ମନ ଟିକେ ଉଣା ହୋଇଯାଏ କାରଣ ଓଡ଼ିଆ ଖେଳାଳି ଏଥିରେ ସୁଯୋଗ ପାଇବା ଖୁବ୍ କମ୍ ଦେଖାଯାଏ । ହେଲେ ଏଥର ଆଇପିଏଲ ନିଲାମ ଓଡ଼ିଆ କ୍ରୀଡ଼ା ପ୍ରେମୀଙ୍କ ପାଇଁ ଖୁସି ଖବର ଆଣିଛି ।

## ବିଜେପିରୁ ୫ ନେତା ବହିଷ୍କୃତ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେପିର ୫ ଜଣ ନେତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାର ୪ ଜଣ ରହିଥିବା ବେଳେ ଗଂଜାମ ଘୁମୁସରର ଜଣେ ରହିଛନ୍ତି। ଭଦ୍ରକ ଜିଲ୍ଲାର ରାମଚନ୍ଦ୍ର ଦାସ, ଜୟରାମ ମୁଦୁଲି, ସୁବାସ ମୁଦୁଲି ଓପ୍ରତାପ ଦାସ ଏବଂ ଘୁମୁସୁର (ଗଞ୍ଜାମ)ର ନିରଞ୍ଜନ ସ୍ୱାଇଁଙ୍କୁ ଦଳରୁ ବହିଷ୍କାର କରାଯାଇଛି।

## ଶାଢ଼ି ବାଣ୍ଟି ଅଡୁଆରେ ପଡ଼ିଲେ ବିଜେଡି ବିଧାୟକ

ନବରଙ୍ଗପୁର, ୧୩/୦୨ (ନି.ପ୍ର): ପଞ୍ଚାୟତ ନିର୍ବାଚନ ଯେତେ ଯେତେ ପାଖେଇ ଆସୁଛି ସେତିକି ସରଗରମ ହେଉଛି ନବରଙ୍ଗପୁର ରାଜନୀତି । ଶାସକ ଓ ବିରୋଧୀଙ୍କ ଛକା ପଞ୍ଝାରେ ସରଗରମ ନିର୍ବାଚନ ମାହୋଲ । ସାଂସଦ ରମେଶ ମାଝୀଙ୍କ ପରେ ନିଜ ଗଡରେ ଘୋର ବିରୋଧରେ ସମ୍ମୁଖୀନ ହୋଇଛନ୍ତି ବିଧାୟକ ମନୋହର ରନ୍ଧାରୀ । ଶାଢ଼ୀ ଓ ଲୁଗାପଟା ବାନ୍ଧିବାକୁ ଯିବାବେଳେ ତାଙ୍କୁ ଅଟକ ରଖିଥିଲେ ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା । ତା ପରେ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ ଦଳର ନେତା । ନିର୍ବାଚନକୁ ଅବାଧ, ଚାପ ମୁକ୍ତ କରିବା ପାଇଁ ନିର୍ବାଚନ ଆୟୋଗ ଜୋର ଦେଉଥିବାବେଳେ ଏ ହେଉଛି ନିଷ୍ଠୁର ସତ । ନିର୍ବାଚନ ପାଇଁ ଥିବା କଟକଣାର କେମିତି ଧଜ୍ଜିଆ ଉଡାଯାଇପାରେ ନବରଙ୍ଗପୁର ପାପଡାହାଣ୍ଡିରୁ ଆସିଥିବା ଦୃଶ୍ୟ ତାହା ବୟାନ କରୁଛି । ଗାଡି ଭିତରେ ଭର୍ତ୍ତି ହୋଇଛି ବହୁ ସଂଖ୍ୟାରେ ଶାଢ଼ୀ, ଲୁଙ୍ଗି ଓ ତଉଲିଆ । ଗାଡିରେ ସ୍ଥାନୀୟ ବିଧାୟକ ମନୋହର ରନ୍ଧାରୀଙ୍କ ବି ଅଛନ୍ତି । ନିର୍ବାଚନ ସମୟରେ ବିଧାୟକ ପ୍ରଚାର ପାଇଁ ଯାଉଥିବାବେଳ ଏତେ ପରିମାଣର ଲୁଗାପଟା ନେଇ ଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ବିଧାୟକ ପାପଡାହାଣ୍ଡି ବ୍ଲକ୍ ଜୋନ୍ ୨ର ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ଭାନୁମତି ପୂଜାରୀଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିଲେ କିନ୍ତୁ ପ୍ରଚାର ସମୟରେ ଲୋକଙ୍କୁ ବିଧାୟକ ▶▶ପୃଷ୍ଠା ୭

## ପଂଚାୟତ ନିର୍ବାଚନ ଭୋଟଗଣନା ନିୟମାବଳୀ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ପ୍ରଥମ ଥର ପାଇଁ ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ସାଧାରଣ ନିର୍ବାଚନ-୨୦୨୨ର ମତଗଣନା ପ୍ରତ୍ୟେକ ବ୍ଲକ୍ ମୁଖ୍ୟାଳୟରେ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ହିସାବରେ ଜିଲ୍ଲାପାଳମାନେ ବ୍ୟକ୍ତିଗତ ଭାବେ ଭୋଟଗଣତି କେନ୍ଦ୍ର ନିର୍ଣ୍ଣୟଠାରୁ ସଂପୂର୍ଣ୍ଣ ମତଗଣନା ପ୍ରକ୍ରିୟା ଓ ନିର୍ବାଚନ ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତଦାରଖ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀଓ୍ୱାରି ଭୋଟଗଣତି କାର୍ଯ୍ୟ ଗୋଟିଏ ବଡ଼ ହଲ୍ ରେ କରାଯିବ। ବ୍ଲକ ମୁଖ୍ୟାଳୟରେ ମତଗଣନା କାର୍ଯ୍ୟ ତିନିଦିନ ଧରି ଚାଲିବ, ଯେମିତିକି ଗୋଟିଏ ବ୍ଲକ୍ ସମସ୍ତ ଜିଲ୍ଲା ପରିଷଦ ମଣ୍ଡଳୀର ଭୋଟଗୁଡ଼ିକର ଗଣତି କାର୍ଯ୍ୟ ତିନିଦିନ ମଧ୍ୟରେ ଶେଷ ହେବ। ପ୍ରତ୍ୟେକ ବ୍ଲକ୍ ର ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ଅନୁସାରେ ନିର୍ବାଚନ ଅଧିକାରୀମାନେ କେତେଗୋଟି ଭୋଟ ଗଣତି କେନ୍ଦ୍ର ସ୍ଥାପନ କରାଯିବ, ତାହା ନିରୁପଣ କରିବେ। ମନେ କରାଯାଉ କୌଣସି ଏକ ବ୍ଲକ୍ ର ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ତିନିରୁ ଅଧିକ ଅଛି, ସେଠାରେ ନିଶ୍ଚିତ ଭାବେ ଏକରୁ ଅଧିକ ମତଗଣନା କେନ୍ଦ୍ର ହେବ। ଗୋଟିଏ ବ୍ଲକ୍ ର ମତଗଣନା କାର୍ଯ୍ୟ ନିଶ୍ଚିତ ଭାବେ ତିନି ଦିନ ମଧ୍ୟରେ ଶେଷ କରିବା ଲାଗି ନିର୍ବାଚନ ଅଧିକାରୀମାନେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମତଗଣନା କେନ୍ଦ୍ର ବ୍ଲକ୍ ମୁଖ୍ୟାଳୟ ନିକଟରେ ହେବ। ଯଦି ସେଠାରେ ମତଗଣନା କେନ୍ଦ୍ର ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ନଥିବ, ତାହେଲେ ବ୍ଲକ୍ ମୁଖ୍ୟାଳୟରେ ଥିବା ସରକାରୀ କୋଠାଘର, ବିଶେଷ କରି ମହାବିଦ୍ୟାଳୟ କିମ୍ବା ଉଚ୍ଚ ବିଦ୍ୟାଳୟ କୋଠାଘରେ ମତଗଣନା କେନ୍ଦ୍ର ସ

# ଟଙ୍କା ଫେରସ୍ତ ଦାବିରେ ଚିଟଫଣ୍ଡ ଜମାକାରୀଙ୍କ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ

ଗଞ୍ଜାମ,୧୩/୨ (ନି.ପ୍ର): ବିଭିନ୍ନ ଚିଟଫଣ୍ଡ ସଂସ୍ଥାରେ ଟଙ୍କା ଜମା କରି କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀ ସେମାନଙ୍କ ଟଙ୍କା ଫେରସ୍ତ ଦାବିରେ ଭଞ୍ଜନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଗଣଧାରଣା ଦେଇଛନ୍ତି । ଠିକ୍ ସେହିପରି ଆସିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଜମାକାରୀମାନେ ଗଣଧାରଣା ବସି ରହିଛନ୍ତି ।

ଅନୁରୂପ ଭାବେ ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଜମାକାରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୪ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବି ଗୁଡିକ ହେଲା, ଚିଟଫଣ୍ଡ ଆୟୋଗଙ୍କ ଦ୍ୱାରା ସୁପାରିଶ ହୋଇଥିବା ଜମାକାରୀଙ୍କୁ କର୍ପସ ଫଣ୍ଡରୁ ତୁରନ୍ତ ଟଙ୍କା ଫେରସ୍ତ, ଓଡ଼ିଶାର ସମସ୍ତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରିବା ପାଇଁ ଦାବି କରାଯାଇଛି । ସେହିପରି ସାହାରା ଓ ଅନ୍ୟ ସଂସ୍ଥା ମାନେ ତୁରନ୍ତ ଜମାରାଶି ଫେରସ୍ତ କରନ୍ତୁ ବୋଲି ଦାବି କରାଯାଇଛି । ରାଜ୍ୟରେ ଜମାକାରୀଙ୍କୁ ଠକିଥିବା ପ୍ରତ୍ୟେକ ଅସାଧୁ ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତି ଜବତ କରି ସେହି ସମ୍ପତିର ନିଲାମ ଅର୍ଥ ଜମାକାରୀଙ୍କୁ ତୁରନ୍ତ ଫେରସ୍ତ କରିବାକୁ ଦାବି କରିଛନ୍ତି ।

# ମଇଦାନରେ ଗଡ଼ ହାତେଇବା ପାଇଁ ତିନ ଦଳର ପ୍ରାଣମୂର୍ଚ୍ଛା ଉଦ୍ୟମ

ଖୋର୍ଦ୍ଧା,୧୩/୨ (ନି.ପ୍ର): ଖୋର୍ଦ୍ଧା ଜିଲାର ୩୦ ଜୋନ୍ ବିଶିଷ୍ଟ ଜିଲା ପରିଷଦ ଆସନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସର ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେବ। କିଏ କାହାକୁ ପଛରେ ପକାଇବ ସେଥିପାଇଁ ଚାଲିଛି ଅଙ୍କ କଷା । ପ୍ରାର୍ଥୀମାନେ ସୋସିଆଲ ମିଡିଆ ସମେତ ଘର ଘର ବୁଲି ପ୍ରଚାର ଚଳାଇଛନ୍ତି। ଧୀରେ ଧୀରେ ନିର୍ବାଚନୀ ପାଣିପାଗ ଉଷ୍ମ ହେଉଛି। ତେବେ ୨୦୧୨ ଓ ୨୦୧୭ରେ ଜିଲା ପରିଷଦ ଅଧ୍ୟକ୍ଷ ଆସନ ବିଜେଡି ହାତରେ ରହିଥିଲା। ଏଥର ମଧ୍ୟ ବିଜେଡି ଅଧ୍ୟକ୍ଷ ଆସନ ହାତେଇବା ପାଇଁ ବ୍ଲୁପ୍ରିଂଟ ପ୍ରସ୍ତୁତ କରି ଗୋଟି ଚଳାଉଛି। ୨୦୧୨ରେ ବିଜେଡି ୨୫ଟି ଏବଂ ୨୦୧୭ରେ ୨୦ଟି ସିଟ୍ ହାସଲ କରିଥିବା ବେଳେ ଭାଜପା ୧୦ଟି ଆସନ ପାଇଥିଲା। ତେବେ କଂଗ୍ରେସ ଖାତା ଖୋଲିପାରି ନ ଥିଲା। ଏଥର କିନ୍ତୁ ରାଜନୀତି ପାଣିପାଗ ଭିନ୍ନ। ଭାଜପା ପୂର୍ବାପେକ୍ଷା ଅଧିକ ସିଟ୍ ପାଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ପ୍ରାର୍ଥୀଙ୍କ ସପକ୍ଷରେ ସମ୍ପୃକ୍ତ ଦଳର ବରିଷ୍ଠ ନେତାମାନେ ପ୍ରଚାର ଚଳାଇଛନ୍ତି। ବିଜେଡି ଲାଗି ସ୍ଥାନୀୟ ବିଧାୟକ, ଭାଜପା ପାଇଁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କଂଗ୍ରେସ ପାଇଁ ଜଟଣୀ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧାରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ବେଗୁନିଆରେ ବିଧାୟକ ରାଜେନ୍ଦ୍ର ସାହୁ ପ୍ରଚାର ଚଳାଇଛନ୍ତି । ୨୦୧୭ରେ ଚିଲିକା ନିର୍ବାଚନମଣ୍ଡଳୀରେ ଭାଜପା ୩ ଆସନ ଜିତିଥିଲା। ଏଥର ସେହି ଗଡ଼ଗୁଡିକୁ ବଂଚାଇବାକୁ ଉଦ୍ୟମ ଜାରି ରଖିଛି। ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ କର୍ମୀ ସମାବେଶ କରୁଛନ୍ତି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ସମସ୍ତ ୬ ଜୋନ୍ ରେ ବିଜେଡି ପ୍ରାର୍ଥୀ ଜିତିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପଟେ କଂଗ୍ରେସର ଟାଣୁଆ ନେତା ପ୍ରଦୀପ ସ୍ୱାଇଁ ମଧ୍ୟ ପ୍ରଚାରକୁ ଜୋରଦାର କରିଛନ୍ତି। ଜଟଣୀ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଏବଂ ବିଜେଡି ଜିଲ୍ଲା ସଭାପତି ବିଭୂତି ବଳବନ୍ତରାୟଙ୍କ ପାଇଁ ଏହି ନିର୍ବାଚନ ମର୍ଯ୍ୟାଦାର ପ୍ରଶ୍ନ ହୋଇଛି। ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ରାଜ୍ୟ ସରକାରଙ୍କ ଯୋଜନା, ମହିଳା ସଶକ୍ତିକରଣ ଓ ଗ୍ରାମାଂଚଳ ଭିତିଭୂମିର ବିକାଶ ଉପରେ ଦଳ ଗୁରୁତ୍ୱ ଦେଉଛି। ବିଜେଡି ସବୁ ଆସନରେ ଜିତିବ। ସେହିପରି ଭାଜପା ନେତ୍ରୀ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନପ୍ରିୟତା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ଗ୍ରାମାଂଚଳର ବିକାଶ ପ୍ରତି ଗୁରୁତ୍ୱ ଦେଉଛୁ। ଗ୍ରାମାଂଚଳରେ ଭାଜପା ପ୍ରତି ଲୋକଙ୍କ ଆସ୍ଥା ରହିଛି। ଭାଜପା ପ୍ରାର୍ଥୀ ପୂର୍ବାପେକ୍ଷା ଅଧିକ ଆସନରେ ଜିତିବେ । ଅନ୍ୟପକ୍ଷରେ ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି ଯେ, ବିଜେଡି ଓ ଭାଜପା ଶାସନରେ ଜନତା ଅତିଷ୍ଠ ହେଲେଣି। ଚାଷୀ ସମସ୍ୟା, ଦରଦାମ୍ ବୃଦ୍ଧି, ନାରୀ ନିର୍ଯାତନା, ବେରୋଜଗାର ବଢିଛି। ବିକାଶ ଆଳରେ ହରିଲୁଟ୍ ଚାଲିଛି। ଆବାସ ଯୋଜନା, ଏମଜିଏନଆରଇଜିଏସରେ ଦୁର୍ନୀତି ଚରମ ସୀମାରେ ପହଂଚିଛି। ଶିଳ୍ପ କି ରୋଜଗାର କିଛି ନାହିଁ।

# ପଚାଂୟତ ନିର୍ବାଚନ ପରିଚାଳନା ନେଇ ଗଞ୍ଜାମ ପୋଲିସର ପ୍ରସ୍ତୁତି

## ୧୧ ବେଆଇନ ବନ୍ଧୁକ ଜବତ: ୧୦୪ ଜଣଙ୍କୁ ପଳାତକ ଘୋଷଣା

ଗଞ୍ଜାମ,୧୩/୨ (ନି.ପ୍ର): ଗଞ୍ଜାମ ପୋଲିସ ଜିଲ୍ଲା ଅଧିନରେ ୫ଟି ପର୍ଯ୍ୟାୟରେ ୧୯ଟି ବ୍ଲକର ୩୭୯ଟି ପଚାଂୟତରେ ମତଦାନ ହେବ । ଏଥିପାଇଁ ମୋଟ୍ ୫୩୮୭ଟି ବୁଥରେ ମତଦାନ ହେବ । ସେଥିମଧ୍ୟରୁ ୪୨୬ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଥିବା ବେଳେ ୩୮୧ ଟି ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଛି । ଏବଂ ଅନ୍ୟ ୪୫୮୦ଟି ସ୍ୱାଭାବିକ୍ ବୁଥ୍ ରହିଛି । ବେଆଇନ ଭାବେ ବନ୍ଧୁକ ରଖିଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଇଛି । ଏବେ ସୁଦ୍ଧା ପୋଲିସ ୧୧ଟି ବେଆଇନ ବନ୍ଧୁକ ଜବତ କରିଛି । ପାଟପୁର ଥାନା ଅଧିନରେ ୫ଟି, ଆସିକା ଅଂଚଳରୁ ୪ଟି, ଭଞ୍ଜନଗର ଏବଂ ବଡଗଡ଼ ଅଂଚଳରୁ ଗୋଟିଏ ଲେଖାଏଁ ବନ୍ଧୁକ ଜବତ ହୋଇଛି । ନିର୍ବାଚନ ବେଳେ ବିଶୃଙ୍ଖଳା ସୃଷ୍ଟି କରିବା ଆଶଙ୍କା ରଖି ୮୭ ଜଣ ଅପରାଧୀଙ୍କ ଜାମିନ୍ ରଦ୍ଦ କରିବା ପାଇଁ ଗଞ୍ଜାମ ପୋଲିସ ପକ୍ଷରୁ କୋର୍ଟଙ୍କୁ ଅନୁରୋଧ କରାଯାଇଛି । ସେହିପରି ୩୧୪ ଜଣଙ୍କୁ ପଳାତକ ଘୋଷଣା କରିବା ପାଇଁ କୋର୍ଟଙ୍କୁ ଅନୁରୋଧ କରାଯାଇଛି । କୋର୍ଟ ପକ୍ଷରୁ ବର୍ତମାନ ସୁଦ୍ଧା ୧୦୪ ଜଣଙ୍କୁ ପଳାତକ ଘୋଷଣା କରାଯାଇଛି । ସେଥିମଧ୍ୟରୁ ୮୨ ଜଣଙ୍କ ଘର ସମ୍ମୁଖରେ ପଳାତକ ନୋଟିସ୍ ଲଗାଯାଇଛି ବୋଲି ଏସପି କହିଛନ୍ତି । ସେହିପରି ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ ଚିହ୍ନଟ କରାଯାଇଛି । ପ୍ରତିଶୋଧକମୂଳକ ପଦକ୍ଷେପ ସ୍ୱରୂପ ପୋଲିସ ସିଆରପିସି ୧୦୭ ଓ ୧୧୦ ନୋଟିସ୍ ସମସ୍ତ ଥାନା ଅଂଚଳରେ ଲଗାଇଛି । ଗଞ୍ଜାମ ପୋଲିସ ଜିଲ୍ଲାର ୨୩ଟି ଥାନା ଅଧିନରେ ୧୧୯୩ଟି ୧୦୭ ସିଆରପିସି ନୋଟିସ୍ ଜାରୀ କରାଯାଇଛି । ନୋଟିସ୍ ଜାରୀ କରାଯାଇଥିବା ୧୧ ହଜାର ୨୬୭ ଜଣ ବିଶୃଙ୍ଖଳାକାରୀ ରହିଥିବା ବେଳେ ୭୮୦୮ ଜଣ ଶାନ୍ତି ବଜାୟ ରଖିବା ପାଇଁ ସେମାନଙ୍କ ମତାମତ ଜଣାଇଛନ୍ତି । ସେହିପରି ୨୩ଟି ଥାନା ଅଧିନରେ ୧୯୯ଟି ୧୧୦ ସିଆରପିସି ନୋଟିସ୍ ଜାରୀ କରାଯାଇଛି । ୧୪୦ ଜଣ ଶାନ୍ତି ବଜାୟ ରଖିବା ପାଇଁ କୋର୍ଟରେ ମତ ଜଣାଇଛନ୍ତି । ବଳକା ୧୦୭ ଓ ୧୧୦ ରହିଯାଇଥିବା ମାମଲା ଗୁଡିକ ଉପରେ ତୁରନ୍ତ ପଦକ୍ଷେପ ନିଆଯିବ । ଏଥିସହ ପଚାଂୟତ ନିର୍ବାଚନ ପୂର୍ବରୁ ବେଆଇନ ମଦ କାରବାର ଉପରେ ଧରପଗଡ଼ ଜାରୀ ରହିଛି । ଏବେ ସୁଦ୍ଧା ୨୫୦ ଟି ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ୧୦ ହଜାରରୁ ଉର୍ଦ୍ଧ୍ୱ ଲିଟର ବେଆଇନ ମଦ ଜବତ ହୋଇଥିବା ନେଇ ଗଞ୍ଜାମ ଏସପି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି ।

# ପିକଅପ୍ ଗାଡି ଧକ୍କାରେ ବୃଦ୍ଧ ମୃତ

ସଇଁତଲା ,୧୩/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଚଟିଆପଡାର ୨୬ ନମ୍ବର ଜାତୀୟ ରାଜପଥଠାରେ ଭୋର ସକାଳ ସାଢେ ୫ ଘଂଟା ସମୟରେ ଶୌଚ ଯାଇ ଫେରୁଥିବା ବେଳେ ପିକ୍ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ବ୍ୟକ୍ତି ଜଣକ ଶିଶକେଲା ଗ୍ରାମର ସାଧୁ ଭୋଇ (୫୮) ବୋଲି ଜଣାପଡିଛି । ପ୍ରକାଶ ଯେ, ସଇଁତଲା ସହରର ଚଟିଆପଡା ଗ୍ରାମର ପାଲେ ପରାଭୁଏଙ୍କ ଶ୍ୱଶୁର ସାଧୁ ଭୋଇ ଘରକୁ ଆସିଥିଲେ । ସେ ସବୁ ଦିନ ଭଳି ଭୋରରୁ ଶୌଚ ଯାଇଥିଲେ । ଶୌଚ ଯାଇ ଫେରୁଥିବା ବେଳେ ବଲାଙ୍ଗିର ପଟୁ ଏକ ଅଜଣା ପିକ୍ଅପ୍ ଭ୍ୟାନ ଧକ୍କା ଦେଇଥିଲା । ଯାହା ଫଳରେ ସାଧୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଘଟଣାର ଖବର ପାଇ ସଇଁତଲା ଆଇଆଇସି ଅବନୀ ସାହୁଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ପହଂଚି ଶବକୁ ଜବତ କରି ଥାନାରେ କେସ ନଂ ୩୬/୨୨ରେ ଏକ ମାମଲା ରୁଜୁ କରି ଥାନା ଏସ୍ଆଇ ପ୍ରସନ୍ନ ନାୟକ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# କୁଡୁମୁଲୁଗୁମ୍ଫାରେ ପୋଲିସର ଫ୍ଲାଗମାର୍ଚ୍ଚ

ମାଲକାନଗିରି,୧୩/୨ (ନି.ପ୍ର): ଓର୍କେଲ ଥାନା ଓ କୁଡୁମୁଲୁଗୁମ୍ଫା ପୋଲିସ ଫାଣ୍ଡିର ମିଳିତ ପ୍ରଚେଷ୍ଟାରେ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ସହକାରେ କରିବା ନିମନ୍ତେ ଆଜି କୁଡୁମୁଲୁଗୁମ୍ଫା ଠାରେ ଏକ ଫ୍ଲାଗମାର୍ଚ୍ଚ କରାଯାଇଛି। ଚିତ୍ରକୋଣ୍ଡା ଏ ସଡିପିଓ ଅସ୍ନଶୁମାନ ଦ୍ୱିବେଦୀ ଓ ଓର୍କେଲ ଥାନା ଅଧିକାରୀ ଜନ୍ କୁକୁରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ କୁଡୁମୁଲୁଗୁମ୍ଫା ସହର ପରିକ୍ରମା କରିଥିଲା । ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଗାମୀ ନିର୍ବାଚନକୁ ଅବାଧ ଓ ଭୟମୁକ୍ତ କରିବା ସହ ଜନସାଧାରଣଙ୍କ ନିକଟତର ହେବା।

ଏସଡିପିଓ ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ, ଏହି ଫ୍ଲାଗମାର୍ଚ୍ଚ ଦ୍ୱାରା ଜନସାଧାରଣଙ୍କ ମନରେ ଭୟମୁକ୍ତ ଓ ଅପରାଧ ମୁକ୍ତ ବାତାବରଣ ସୃଷ୍ଟି କରିବା ଯାହା ଫଳରେ ଲୋକେ ବିନା ଭୟ ଓ ଦ୍ୱିଧାରେ ମତଦାନ କେନ୍ଦ୍ରରେ ପହଂଚି ନିଜର ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ ।

# ଲପଙ୍ଗା ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନିର୍ବାଚନ ପ୍ରଚାର ଓ ଭୋଟ ଭିକ୍ଷା

ସମ୍ବଲପୁର,୧୩/୨ (ନି.ପ୍ର): ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ସମର୍ଥନରେ ନିର୍ବାଚନ ପ୍ରଚାର ପାଇଁ ଦିନିକିଆ ସମ୍ବଲପୁର ଗସ୍ତରେ ଆସିଛନ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ । ସମ୍ବଲପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ପ୍ରଥମ କାର୍ଯ୍ୟକ୍ରମ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଲପଙ୍ଗା ଠାରେ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ । ରେଙ୍ଗାଲି ଯୋନ-୧ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ପ୍ରିୟମ୍ବଦା ବେହେରାଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ସହ ଭୋଟ୍ ଭିକ୍ଷା କରିଥିଲେ । ମଂଚାସୀନ ନେତୃ ମଣ୍ଡଳୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଅବଗତ କରାଇଥିବା ବେଳେ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର, ଅପାରଗତା, ସ୍ଥାଣୁତାକୁ ଦୃଢ଼ ନିନ୍ଦା କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁଙ୍କ ସମେତ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲ୍ଲା ସଭାପତି ଗିରିଷ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର, ଜିଲ୍ଲା ଉପସଭାପତି ଫଣି ଭୂଷଣ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସାଂସଦ ପ୍ରତିନିଧି ଆଶିଷ କୁମାର ହୋତା, ରେଙ୍ଗାଲି ବ୍ଲକ ପୂର୍ବତନ ଅଧ୍ୟକ୍ଷ ଜିତେନ୍ଦ୍ର ପଣ୍ଡା, ମଣ୍ଡଳ ସାଧାରଣ ସମ୍ପାଦକ ନବୀନ ପ୍ରଧାନ ପ୍ରମୁଖ ମଂଚାସୀନ ଥିବା ବେଳେ ରେଙ୍ଗାଲି ମଣ୍ଡଳ ସଭାପତି ତିରୋଜ ହେଡେଞ୍ଜା ମଂଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ସ୍ଥାନୀୟ ଯୁବନେତା ଉତମ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କ୍ଷେତ୍ରିୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ସାଂସଦ ପ୍ରତିନିଧି ମୋହନ ଦାଶ, ବରିଷ୍ଠ ବିଜେପି ନେତା ବିଶିକେଶନ ପଣ୍ଡା, ସରୋଜ କୁମାର ଘଡାଇ, ପ୍ରଦୀପ କୁମାର ବେହେରା, ଶୁଭେନ୍ଦୁ ନାୟକ, ସନ୍ତୋଷ ଡାଲୁଆ, ଡା. ପ୍ରଭାସ ଦେବତା, କାହ୍ନୁରାମ ଶର୍ମା, ମଂଟୁ ଅଗ୍ରୱାଲ, ସୌମିକ ବାବୁ ପ୍ରମୁଖ ନିର୍ବାଚନ ପ୍ରଚାରରେ ସାମିଲ୍ ରହିଥିଲେ ।

# ମନମୋହିନୀ ଓ ମୀରାଙ୍କ ପ୍ରଚାର ଜୋରଦାର : ପ୍ରତିଦିନ ବଢୁଛି ସମର୍ଥନ

ପୁରୀ,୧୩/୨ (ନି.ପ୍ର): ପୁରୀଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅବଦାନ ଫଂଚାୟତରେ ଏବେ ନିର୍ବାଚନୀ ପ୍ରଚାର ଜୋରଦାର ଚାଲିଛି। ଡ଼ିଜିଟାଲ ପ୍ରଚାରରେ ସେହି ଫଂଚାୟତର କଂଗ୍ରେସ ସମର୍ଥୀତ ସରପଂଚ ପ୍ରାର୍ଥନୀ ମନମୋହିନୀ ଜେନା ଓ ସମିତସଭ୍ୟା ପ୍ରାର୍ଥିନୀ ମୀରା ସ୍ୱାଇଁ ଆଗୁଆ ରହିଥିବା ପ୍ରତି ୱାର୍ଡ଼ ସର୍ଭେରୁ ଜଣାପଡ଼ିଛି। ଏହି ଫଂଚାୟତର ପୂର୍ବତନ ସରପଂଚ ସ୍ୱର୍ଗତ ମଙ୍ଗୁଳି ଜେନାଙ୍କର ଫଂଚାୟତ ପ୍ରତି ଅନେକ ଅବଦାନ ରହିଛି। ଯାହାକୁ ଫଂଚାୟତର ୨୫ଟି ୱାର୍ଡ଼ର ଭୋଟରମାନେ ମନେ ପକାଇ ଝୁରୁଛନ୍ତି। ସ୍ୱର୍ଗତଃ ମଙ୍ଗୁଳି ଜେନାଙ୍କ ବୋହୂ ମନମୋହିନୀ ଏବେ ଶଶୁରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଫଂଚାୟତର ସର୍ବାଙ୍ଗୀନ ଉନ୍ନତି ସହ ଲୋକଙ୍କ ସୁଖ ଦୁଃଖରେ ସାଥି ହେବେବୋଲି ମନମୋହିନୀ ଓ ମୀରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫଂଚାୟତର ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଗମନାଗମନ ଓ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରକୁ ତ୍ୱରାନ୍ୱିତ କରି ଲୋକଙ୍କୁ ସରକାରୀ ସୁବିଧା ଘର ପାଖରେ ଯୋଗାଇ ଦେବାପାଇଁ ମୀରା ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଫଂଚାୟତର ସମସ୍ୟାକୁ ବ୍ଲକରେ ଦାବି ଜଣାଇବା ସହ ଲୋକଙ୍କୁ ସୁବିଧା ଯୋଗାଇଦେବା ପାଇଁ ମୀରା ସ୍ୱାଇଁ ଘର ଘର ବୁଲି ଭୋଟରଙ୍କୁ ସଚେତନ କରୁଛନ୍ତି। ନିର୍ବାଚନରେ ମନମୋହିନୀଙ୍କ ସୂର୍ଯ୍ୟ ଚିହ୍ନ ଓ ମୀରା ସ୍ୱାଇଁଙ୍କ ଷ୍ଟୁଲ ଚିହ୍ନର ପ୍ରଭାବ ଅଧିକ ମାତ୍ରାରେ ରହିଥିବା ଭିତିରି ସୁତ୍ରରୁ ଜଣାପଡ଼ିଛି। ସରପଂଚ ପ୍ରାର୍ଥିନୀ ମନମୋହିନୀ ଜେନା କହିଛନ୍ତି ଫଂଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଏବେ ଘର ଘର ଓ ଗାଁ ଗାଁ ବୁଲି ଜାଣିପାରୁଛି। ଏବେ ବି ଗରିବ ପରିବାର ଜରି ପାଲତଳେ ରହୁଛନ୍ତି। ସରକାରଙ୍କ ଆବାସ ଯୋଜନା, ମୋ କୁଡ଼ିଆ, ମଧୁବାବୁ ପେନସନ ଓ ଅନ୍ୟାନ୍ୟ ସୁବିଧା ପାଇପାରୁ ନାହାନ୍ତି। ସେଇ ପ୍ରସଙ୍ଗକୁ ନେଇ ମୁଁ ଜିତିଲେ ଫଂଚାୟତର ସମସ୍ୟା ସମାଧାନ କରିବା ସହ ଡ଼ିଜିଟାଲ ଫଂଚାୟତ ପାଇଁ ଦାବି କରିବି। ଛାତ୍ରଛାତ୍ରୀମାନେ ସମସ୍ତ ସୁବିଧା ଫଂଚାୟତରୁ ପାଇ ପାରିବେ। ଏବେ ଦୁଇପ୍ରାର୍ଥିନୀଙ୍କ ହାଇସ୍ପିଡ଼ି ପ୍ରଚାର ଦେଖି ବିରୋଧି ପକ୍ଷ ହତୋତ୍ସାହହୋଇ ଜର ବିକଳରେ ତାଟିଆ କାମୁଡ଼ିବା ସ୍ଥିତିରେ ରହିଛନ୍ତି ବୋଲି ଫଂଚାୟତରେ ଆଲୋଚନା ହେଉଛି। ଅବଦାନ ଫଂଚାୟତର କଂଗ୍ରେସ ସଭାପତି ହରେକୃଷ୍ଣ ମହାନ୍ତି କୁହନ୍ତି ଦୁଇଜଣ ପ୍ରାର୍ଥିନୀ ଜିତିଲେ ଫଂଚାୟତ ତାର ପୂର୍ବ ଗୌରବ ଫେରିପାଇବା ସହ ସ୍ୱର୍ଗତଃ ମଙ୍ଗୁଳି ଜେନାଙ୍କ ଅଧୁରା ସ୍ୱପ୍ନ ସାକାର ହେବ ବୋଲି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

# ମୂକ, ବଧିର ଶ୍ରମିକ ନିଖୋଜ

କୋରେଇ,୧୩/୨ (ନି.ପ୍ର): କେଉଁଝର ଜିଲ୍ଲା ଘଟଗାଁ ଥାନା ଚିନାମାଳୀପଶି ନୂଆପଡାରୁ କିଛି ପରିବାର ପାଣିକୋଇଲି ଆସି ପଂଚାୟତ ଅଫିସ ସମ୍ମୁଖରେ ରହୁନ୍ତି । ସ୍ଥାନୀୟ ଅଂଚଳରେ ୬ ମାସ ଶ୍ରମିକ ଭାବେ କାର୍ଯ୍ୟକରନ୍ତି । ପରେ ସେମାନେ ନିଜ ଗାଁକୁ ଫେରିଯାଆନ୍ତି । ଆଜକୁ ୨୨ ବର୍ଷ ହେବ କିଛି ପରିବାର ଆସିବା ଯିବା ପ୍ରକ୍ରିୟା ଜାରି ରହିଛି । ଏହି କ୍ରମରେ ନୂଆପଡା ଗ୍ରାମର ରାହାସ ବେହରୋଙ୍କ ପୁଅ ନରୋତମ (୪୭) ଯେକି ଜଣେ ମୂକ ଓ ବଧିର ଶ୍ରମିକ ପାଣିକୋଇଲିରେ ସପରିବାର ସ୍ତ୍ରୀ, ପୁଅ ବଡଭାଇ ପରିବାର ନେଇ ଆସି ରହୁଥିଲେ । ଗତ ୨୦୨୧ ଜୁନ ୮ ତାରିଖ ସକାଳୁ କାମ କରିବାକୁ ଯାଇ ନରୋତମ ନିଖୋଜ ଅଛନ୍ତି । ପରିବାର ଲୋକ ଗାଁ ଠୁ ଆରମ୍ଭ କରି ସର୍ମ୍ପକୀୟ ମାନଙ୍କୁ ଲଗାଇ ଯେତେ ଖୋଜିଲେ ବି ନରୋତମର କୌଣସି ପତା ମିଳୁ ନାହିଁ । କେହି ସହୃଦୟ ବ୍ୟକ୍ତି ଯଦି ନରୋତମକୁ ପାଆନ୍ତି ସେ ସର୍ମ୍ପକରେ ଘଟଗାଁ ଅବା ପାଣିକୋଇଲି ଥାନାକୁ ଜଣାଇବାକୁ ତାଙ୍କ ବଡଭା

# ପ୍ରଣୟ ପରମ ବେଦଃ

ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର

ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୁରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚୁଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।

ସହ-ପ୍ରତିରତ୍ନିକ ଓ ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
(ମୋ)୯୪୩୭୦୫୧୯୫୭

# ପ୍ରେମର ଅଭିବ୍ୟକ୍ତି

ସୁନନ୍ଦା ମହାନ୍ତି

ପ୍ରେମ ଚିରନ୍ତନ ତଥା ଶାଶ୍ୱତ ଓ ନିର୍ମଳ, ପ୍ରେମ ବୋଲି ଏହି ଶବ୍ଦ ଟିକୁ କଳଙ୍କିତ କରିବା ଉଚିତ ନୁହେଁ, ଯଦିଓ କିଛି ବିଭ୍ରାନ୍ତିକର ଲୋକ ଏହାକୁ କେବଳ ଦୈହିକ କହିଥାନ୍ତି, କିନ୍ତୁ ପ୍ରକୃତରେ ଏହା ନୈଶର୍ଗିକ ଆଉ ଏହି ଅଢେଇ ଅକ୍ଷରର ତୁଳନା ନାହିଁ, ତାହାର ଅନେକ ଅନେକ ଉଦାହରଣ ଭିତରୁ, ବେଳାଭୂମି ସାହିତ୍ୟ ଆସରରେ ଖୁବ କମ ସମୟ ପାଇଁ ଦେଖା ହୋଇଥିଲା ସମାଜସେବୀ, ସସ୍ମିତା ମାଡାମଙ୍କ ସହ, ଏକାଠି ଫୋଟୋ ଟିଏ ଉଠାଇଥିଲୁ ଆଉ ତା ପରଠୁ ହ୍ୱାଟସ ଆପରେ, କେବେ କେମିତି ଟିକେ କଥା ଭିତରେ, ଆଜି ସକାଳୁ ସକାଳୁ ରୋଜ ଡେ, ପାଇଁ ସୁନ୍ଦର ଏକ ଗୋଲାପ ଫୋଟୋ ଚିତ୍ର ପାଇ ମନଫୁଲ ବିକଶିତ ହୋଇପଡିଲା, ଇଏ ପ୍ରେମର ଅଭିବ୍ୟକ୍ତି ନୁହେଁକି ??

ଶୋଇ ଶୋଇ ସେଇକଥା ସବୁ ଭାବୁଥିଲି, ନୈସର୍ଗିକ ପ୍ରେମର ସତ୍ତା ଓ ଭିତ୍ତି ଉପରେ ଆଲୋକପାତ କରିବାକୁ ଯାଇ କେତେବେଳେ ଯାଇ ମିଶର ଦେଶର ପିରାମିଡ଼ ରେ ଥିବା ମମି ମାନଙ୍କ ପାଖରେ ଠିଆ ହୋଇ ଦେଖୁଥିଲି, ସେସବୁ ଭିତରେ ଅତୀତ ର ସମସାମୟିକ ଲୋକ ମାନଙ୍କ, ତାଙ୍କ ଦେଶବାସୀ ମାନଙ୍କ ପ୍ରତି କି ଅହେତୁକ ପ୍ରେମ ଓ ଶ୍ରଦ୍ଧା, ଆଜିଯାଏଁ, ସେମାନେ ଜୀବିତ, ଆଉ ନୂତନ ଟେକନୋଲୋଜି ପ୍ରୟୋଗରେ, ଆଖିରୁ ଜୀବନ୍ୟାସ ଦେଇ ଓଠ ଯାଏଁ ମମିମାନେ କିଛି ପରିମାଣ ରେ ଜୀବନ୍ତ ଦିଶିବା ସହ ଜୀବନ୍ତ ଲାଗୁଥିଲା ମୁଖମଣ୍ଡଳ ଗୁଡିକ, ଆମ୍ଭହରା ହୋଇ ଦେଖି ଚାଲୁଥିଲି, ତ ପହଂଚିଗଲି, ଜର୍ମାନୀ ଦେଶର ଇଜିପ୍ଟ ସହରରେ ରେ ଆଉ ଅଟକିଗଲି, ଗୋଏଥଙ୍କ ପ୍ରତିମୂର୍ତ୍ତିଙ୍କ ପାଖରେ ,ନୂତନ ଟେକନୋଲୋଜି ସାହାଯ୍ୟରେ, ଆଖିରୁ ଓଠ ଯାଏଁ ଜୀବନ୍ତ ଚେହେରା ଦେଖାଯିବା ସହ ସେ ଅସ୍ପଷ୍ଟ ଭାବେ ମତେ କିଛି କହୁଥିଲେ, କାନ ଡେରି ଶୁଣିଲି, କାଳିଦାସ, ସରସ୍ୱତୀଙ୍କ ବରପୁତ୍ରଙ୍କ କଥା ହିଁ ପଚାରୁଥିଲେ ମତେ .ମେଘଦୂତମ, କୁମାର ସଂଭବମ, ମାଳବିକାଗ୍ନିମିତ୍ରମ, ରଘୁବଂଶମ, ଋତୁସଂହାରମ, ବିକ୍ରମୋର୍ବଶୀୟମ, ଅଭିଜ୍ଞାନ ଶାକୁନ୍ତଳମ ଇତ୍ୟାଦି ପରେ ଆଉ କଣ ସବୁ ଲେଖିଲେଣି ବୋଲି ପଚାରୁଥିଲେ ତ ମୁଁ ଆଶର୍ଯ୍ୟରେ ତାଙ୍କର କାଳିଦାସଙ୍କ ପ୍ରତି ଥିବା ପ୍ରେମରେ ଜଡ଼ସଡ଼ ହୋଇ ଉଠିପଡ଼ି ଇତିହାସ ବହି ଖୋଜି, ଦୁହିଁଙ୍କର ମୃତ୍ୟୁ କେବେ ହୋଇଥିଲା ଖୋଜୁ ଖୋଜୁ, ଜୀବନକାଳ ଭିତରେ କାଳିଦାସଙ୍କ ଜୀବନୀ ଓ ବହିସବୁ ପଢି, କାଳିଦାସଙ୍କୁ, ଗୋଏଥ ଦେଇଥିବା ସୁନ୍ଦର ଚିରନ୍ତନ ଭକ୍ତି ପୁତ ପ୍ରେମର ଟିପ୍ପଣୀ, ଯାହାସବୁ ଇଂରାଜୀରେ ଲେଖା ସେସବୁ ପଢି ଚମତ୍କୃତ ହେଲି । ସ୍ୱାମୀ ପଚାରୁ ଥିଲେ କଣ ନିଦ ହୋଇଯାଇଥିଲା କି ମାଡାମଙ୍କୁ, ତ ମୁଁ ହସି ହସି କହୁଥିଲି ହଁ, ରୋଜ ଟିଏ ଦେଇ ପାରିଲିନି ଗୋଏଥଙ୍କୁ, ଯିଏ, ଭାରତ ବର୍ଷର କବି କାଳିଦାସଙ୍କୁ ଭୁଲିନାହାନ୍ତି ଏଯାଏଁ, କି ପ୍ରେମପୂର୍ଣ୍ଣ ଅଭିବ୍ୟକ୍ତି, ସ୍ୱାମୀ କହୁଥିଲେ, ଲେଖାଲେଖି କରି ପାଗଳୀ ହେଲ ନା କଣ, ତ ମୁଁ ପ୍ରେମରେ ତାଙ୍କୁ ଚାହିଁଥିଲି କେବଳ ।

ସାକ୍ଷୀଗୋପାଳ, ପୁରୀ
(ମୋ)୭୦୦୮୯୪୨୨୧୫

# ସପୁରି ରଖେ ଷ୍ଟ୍ରଙ୍ଗ୍ ଫ୍ରି

ପାଣିର ମାତ୍ରା ଓ ଆଣ୍ଟିଅକ୍ସିଡାଣ୍ଟ ପାଇଁ ସପୁରି ବେଶ୍ ଲାଭକାରୀ । ଫୁଟ୍ ସାଲାଡ୍ ସହ ମିଠା ତିଆରିରେ ମଧ୍ୟ ଏହାର ବ୍ୟବହାର କରାଯାଏ ।

♦ ସପୁରିରେ ଥିବା ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ, ଏନଜାଇମ୍ ଓ ଫାଇବର୍ ଶରୀରକୁ ଜରୁରୀ ପୋଷଣ ଦେଇଥାଏ । ଭିଟାମିନ୍ ସି କୋଷିକା ସହ ଲଢିବାରେ ସାହାର୍ଯ୍ୟ କରେ । ଏଥିରେ ଥିବା ପ୍ରାକୃତିକ ସୁଗର ସ୍ୱାସ୍ଥ୍ୟ ପାଇଁ ଭଲ । ଫାଇବର ପାଚନରେ ସହାୟକ ହେବା ସହିତ ଭୋକ ନିୟନ୍ତ୍ରଣ କରିଥାଏ । କ୍ୟାଲୋରି ବର୍ନ ବୃଦ୍ଧିରେ ସାହାର୍ଯ୍ୟ କରେ ।

♦ ସପୁରିରେ ଥିବା ମାଙ୍ଗାନିଜ୍ ହାଡ ମଜଭୁତ କରିଥାଏ ।

# ମହଙ୍ଗା ପରିବା

ଲୋକମାନେ ନିଜ ପସନ୍ଦ ଅନୁସାରେ ପରିବା ବାଛି ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଏମିତିରେ ଦେଶରେ ପରିବା ଦର ବୃଦ୍ଧି ହେଲେ ମଧ୍ୟ ତାହାକୁ କିଣି ଖାଇଥାନ୍ତି । ସେହିପରି ଏକ ମହଙ୍ଗା ପରିବା ହେଉଛି 'ଟିପ୍ ଶୁଟ୍ସ' । ଏହାର ମୂଲ୍ୟ ବର୍ଷକୁ ବର୍ଷ ବଢି ଚାଲିଥିଲେ ମଧ୍ୟ ଲୋକ ଏହାକୁ କିଣିଥାନ୍ତି । ଏହାର ମୂଲ୍ୟ କିଲୋଗ୍ରାମ ପ୍ରତି ହଜାରେ ୟୁରୋ ବା ପ୍ରାୟ ୮୨ ହଜାର ଟଙ୍କା ରହିଛି । ଏହା ସତ୍ତ୍ୱେ ମଧ୍ୟ ଏହାର ଚାହିଦା ଅଧିକ । ଲୋକମାନେ ଦୁଇ ଦିନ ପୂର୍ବରୁ ଅର୍ଡର ଦେଇ ଏହି ପରିବାକୁ କିଣିଥାନ୍ତି । ଏହି ପରିବା ଗଛ ଦେଖିବା ପାଇଁ କିଛି ମାତ୍ରାରେ ଶତାବରୀ ଗଛ ଭଳି । ଏହାର ଫୁଲକୁ ନେଇ ମଧ୍ୟ ବ୍ୟଞ୍ଜନ କରାଯାଏ । ଏହା ପାଟିକୁ ରାଗ ଲାଗେ । ବ୍ରିଟେନ୍, ୟୁରୋପ, ଜର୍ମାନ, ଆମେରିକାରେ ଏହାର ଚାହିଦା ଅଧିକ । ତେବେ ଭାରତର ହିମାଳୟରେ ଏହି ପରିବା ଏବେ ଚାଷ କରାଯାଉଛି ।

# ଅଶ୍ୱତ୍ଥ

ବରଗଛ ପରି ଅଶ୍ୱତ୍ଥକୁ ମର୍ତ୍ତ୍ୟର କଳ୍ପବୃକ୍ଷ କୁହାଯାଏ । ଏହି ଗଛର ଛାଲି, ପତ୍ର, ଫଳ, କ୍ଷୀର ଓ ଲାଖ ଆୟୁର୍ବେଦ ଔଷଧ ପ୍ରସ୍ତୁତ କରିବାରେ ଲାଗେ । ପତ୍ରକୁ ବିଶେଷ କରି ମୂତ୍ର ସମ୍ବନ୍ଧୀୟ ରୋଗ ଓ ଚର୍ମ ରୋଗ ଦୂର କରିବାରେ ବ୍ୟବହାର କରାଯାଏ । ଅଶ୍ୱତ୍ଥ ଛାଲିକୁ ଗୁଣ୍ଡ କରି କ୍ଷୀର ଓ ଚିନି ସହିତ ମିଶାଇ ସେବନ କଲେ ସ୍ମରଣ ଶକ୍ତି ବଢିଥାଏ । ଏହାର ଛାଲ ସ୍ଥାନରେ ପତ୍ରକୁ ମଧ୍ୟ ବ୍ୟବହାର କରାଯାଇପାରେ । ମାସିକଋତୁସ୍ରାବ ହେଉନଥିଲେ, ଅଶ୍ୱତ୍ଥ ଛାଲ ଗୁଣ୍ଡ ସହିତ ରାଶି, ମନ୍ଦାର ଫୁଲ ମିଶାଇ ସେବନ କଲେ ଏହି ସମସ୍ୟା ଦୂର ହୁଏ । ଏହି ଗଛର କ୍ଷୀର ସହିତ ମହୁ ମିଶାଇ ସେବନ କଲେ ମୂର୍ଚ୍ଛା ହେବା ସମସ୍ୟା ଭଲ ହୋଇଥାଏ । ପାଚିଲା ଅଶ୍ୱତ୍ଥ ପତ୍ରରେ ସୋରିଷ ତେଲକୁ ମିଶାଇ ଫୁଟାଇବେ । ସେହି ତେଲକୁ ଉଷୁମ କରି କାନରେ ପକାଇଲେ କର୍ଣ୍ଣ ରୋଗ ଭଲ ହୋଇଥାଏ । ଶିଶୁମାନଙ୍କୁ ସର୍ଦ୍ଦି ହେଉଥିଲେ, ଅଶ୍ୱତ୍ଥ ଛାଲକୁ ପାଣିରେ ବତୁରାଇ ଛାଣି ରଖନ୍ତୁ । ସେହି ପାଣିକୁ ଶିଶୁଙ୍କୁ ପିଆଇଲେ ସର୍ଦ୍ଦି ଭଲ ହୋଇଥାଏ । ପୁରାତନ କାଳରେ ବ୍ୟକ୍ତି ଯଦି ଅଫିମ ବା ବିଷାକ୍ତ ଦ୍ରବ୍ୟ ଭକ୍ଷଣ କରିଥାନ୍ତା । ତାଙ୍କୁ ଅଶ୍ୱତ୍ଥର ପାଚିଲା ଫଳ ବା ଛେଲିକୁ ବାଟି ପିଆଇଲେ, ଅଫିମର ପ୍ରତିକ୍ରିୟା କଟିଯାଏ । ଏହାର ପତ୍ର ଚୂର୍ଣ୍ଣ କୌଣସି କ୍ଷତରେ ପକାଇଲେ, ତାହା ତୁରନ୍ତ ଶୁଖିଯାଏ । ଗୋଡ ଧୋଇଲେ ତାହା ଆଉ ଫୁଲେ ନାହିଁ । ଏହି ପାଣି ରକ୍ତରୁ ମଇଳା ଅଂଶକୁ ଦୂର କରି ଅମ୍ଳଜାନ ଯୋଗାଇ ଦେଉଥିବାରୁ ଫୁଲା କମିଥାଏ । ପାଚିଲା କଦଳୀ ସହିତ ଏହାର ଫଳ ଚୂର୍ଣ୍ଣ ଓ ମିଶ୍ରି ମିଶାଇ ସେବନ କଲେ ନାକରୁ ରକ୍ତ ପଡିବା ସମସ୍ୟା ଦୂର ହୋଇଥାଏ । ପୁରାତନ କାଳର ଲୋକ ଉଅଶ୍ୱତ୍ଥ ଛାଲିକୁ ଗୁଣ୍ଡ କରି ଦାନ୍ତରେ ଘଷିଥାନ୍ତି । ଫଳରେ ଦାନ୍ତ ମଜବୁତ ରହିବା ସହିତ ମାଢିରୁ ରକ୍ତ ପଡିବା ସମସ୍ୟା ଦୂର ହୋଇଥାଏ ଓ ମୁଖ ଦୁର୍ଗନ୍ଧ ଦୂର ହୁଏ । ତେବେ ଅଶ୍ୱତ୍ଥ ପତ୍ର ଛାଲି କିମ୍ବା ଫଳକୁ ବେଶି ସେବନ କରିବା ବିପଦଜନକ । ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶକ୍ରମେ ସଠିକ୍ ପରିମାଣରେ ଏହାର ସେବନ କରିବା ଉଚିତ୍ । ଜିଥୁର୍ନ୍‌କୁ 'ନେଦରଲାଣ୍ଡରୁ ଭେନସ୍' କୁହାଯାଏ । ସେଠାକାର ପରିବେଶ ଶାନ୍ତ ଓ ପ୍ରଦୂଷଣ ମୁକ୍ତ । ବାସିନ୍ଦାଙ୍କ ସଂଖ୍ୟା ମାତ୍ର ୨୬୦୦ । ସମସ୍ତେ ଡଙ୍ଗା ଓ ୧୮୦ଟି କାଠ ପୋଲ ଉପରେ ନିର୍ଭରଶୀଳ । ଜିଥର୍ନ୍‌କୁ ନିୟମିତ ପର୍ଯ୍ୟଟକ ଆସୁଛନ୍ତି । ଗ୍ରାମ ବାହାରେ ମୋଟର୍ ଗାଡି ରଖି ଡଙ୍ଗାରେ ବସି ଆସିବାକୁ ହୁଏ । ପର୍ଯ୍ୟଟକଙ୍କ ସୁବିଧା ପ୍ରତି ସେଠାରେ ବିଶେଷ ଧ୍ୟାନ ଦିଆଯାଏ ।

# କାଶ ଭଲକରେ ପାନ

ପାନକୁ ବିଭିନ୍ନ ଢ଼ଙ୍ଗରେ ଖିଆ ଯାଇଥାଏ । କେହି କେହି ଖାଲି ପାନ ସହ ଗୁଆ । ଖାଇବାକୁ ପସନ୍ଦ କରନ୍ତି ତ ଆଉ କେହି ବିନା ଚୂନରେ ପାନ ଖାଇଥାଆନ୍ତି । ତେବେ ଶୀତଦିନେ ଦେଖାଯାଉଥିବା କିଛି ସାଧାରଣ ସମସ୍ୟାକୁ ଠିକ୍ କରିଥାଏ ପାନୟ ଆୟୁର୍ବେଦ ଅନୁଯାୟୀ, ପାନରେ ରହିଛି ଅନେକ ଔଷଧୀୟ ଗୁଣ । ହେଲେ ଏହାକୁ ଠିକ୍ ଭାବେ ଖାଇଲେ ଏହାର ସୁଫଳ ମିଳିଥାଏ ।

କାଶ : ଏହି ସମସ୍ୟା ଦେଖାଦେଲେ ପାଖାପାଖି ୧୫ ଟି ପାନପତ୍ରକୁ ଏକ ଗ୍ଲାସ ପାଣିରେ ଭିଜାଇ ରଖି ଏହାକୁ ସିଝାଇ ନେବା । ଦିନରେ ଏହି ପାଣିକୁ ୩ ରୁ ୪ ଥର ପିଇଲେ କାଶ ଠିକ୍ ହୋଇଥାଏ ।

ବ୍ରୋଙ୍କାଇଟିସ୍ : ସେହିପରି ପାନ ସହ ମିଶ୍ରି ମିଶାଇ ସିଝାଇବା ପରେ ଏହି ପାରିକୁ ପିଇଲେ ବ୍ରୋଙ୍କାଇଟିସ୍ ସମସ୍ୟା ଠିକ୍ ହୋଇଥାଏ ବୋଲି କୁହାଯାଏ । ଯେଉଁମାନଙ୍କ ଶରୀରରୁ ଦୁର୍ଗନ୍ଧ ବାହାରୁଛି ସେମାନେ ନିୟମିତ ପାନ ସିଝା ପାଣି ପିଇବା ଭଲ ତେବେ ଏସବୁ ବ୍ୟବହାର କରିବା ପୂର୍ବରୁ ଆୟୁର୍ବେଦ ବିଶେଷଜ୍ଞଙ୍କ ପରାମର୍ଶ ନେବା ଭଲ ।

# ଦେଖିବାର ଥିଲା

ଋଷ ଓ ଇରାନ୍ ମଧ୍ୟବର୍ତ୍ତୀ ମୁସଲିମ୍ ଦେଶ ଅଜରବୈଜାନ୍‌ର ସୁରାଖାନୀଠାରେ ମା' ଭଗବତୀଙ୍କ ପ୍ରାଚୀନତମ ମନ୍ଦିର ମଧ୍ୟରେ ଏହା ଅନ୍ୟତମ । ସେଠାକାର ଲୋକେ ଏହି ମନ୍ଦିରକୁ 'ଆତିଶଗାହ' ଅଥବା 'ଟେମ୍ପଲ୍ ଅଫ୍ ଫାୟାର୍' ନାମରେ ମନ୍ଦିରଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ ଭକ୍ତଙ୍କ ଭିଡ ଲାଗେ ନାହିଁ କି ମା'ଙ୍କର ଜୟ ଜୟକାର ହୁଏ ନାହିଁ । ଏହା ମନ୍ଦିର ଖାଲି ରହିଥାଏ । କେହି ନ ଆସିଲେ ମଧ୍ୟ ସବୁବେଳେ ସେଠାରେ ଜ୍ୟୋତି ଜଳୁଥାଏ । ଏହା କିପରି ଜଳୁଛି କାହାକୁ ଜଣା ନାହିଁ । ଏହି ଜ୍ୟୋତି ମା' ଭଗବତୀଙ୍କ ରୂପ ବୋଲି କୁହାଯାଏ । ମନ୍ଦିରରେ ଏକ ତ୍ରିଶୂଳ ମହକୁଦ ଅଛି ଯାହା ପବିତ୍ର ବୋଲି କୁହାଯାଏ । କିମ୍ବଦନ୍ତୀରୁ ଜଣାଯାଏ ଜଣେ ହିନ୍ଦୁସ୍ଥାନୀ ବ୍ୟବସାୟୀ ଏହି ମନ୍ଦିର ନିର୍ମାଣ କରିଥିଲେ ।

# ବ୍ଲାକ୍ ଡଲଫିନ୍ ଜେଲ

ଅପରାଧୀଙ୍କୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଦେଶରେ ଜେଲ ନିର୍ମାଣ ହୋଇଥାଏ । କେଉଁ ଦେଶ ଜେଲରେ ଅପ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଭବିଷ୍ୟତ ଅର୍ଥନୀତି...

ଦଶମ ଥର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନେତୃତ୍ୱାଧୀନ ଆର୍ଥିକ ନୀତି କମିଟି (ଏପିସି) ନୀତିଗତ ହାରକୁ ଯଥା ରିପୋ ଏବଂ ରିଭର୍ସ ରିପୋ ରେଟ୍‌କୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇ ଦର୍ଶାଇଛନ୍ତି ଯେ ବଢ଼ି ଚାଲିଥିବା ମୁଦ୍ରାସ୍ଫୀତିର ଚାପଗୁଡ଼ିକୁ ସମାଧାନ କରିବା ନିମନ୍ତେ ରହିଥିବା ପ୍ରସଙ୍ଗଗୁଡ଼ିକ ପ୍ରତି କୌଣସି ପ୍ରକାରର ଆଗ୍ରହ ପ୍ରଦର୍ଶନ କରିବା ପରିବର୍ତ୍ତେ ଏହା ଅର୍ଥନୀତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ପଥକୁ ବାଛିଛନ୍ତି । ବର୍ତ୍ତମାନ ରିପୋ ରେଟ୍ ଅର୍ଥାତ୍ ଯେଉଁ ସୁଧ ହାରରେ ଆରବିଆଇ କରଜ ଦେଇଥାଏ, ତାହା ଚାରି ପ୍ରତିଶତରେ ସ୍ଥିର ରହିଛି ଏବଂ ଯେଉଁ ହାରରେ ଏହା କରଦାତାମାନଙ୍କଠାରୁ ଋଣ ଆଣିଥାଏ ବା ସେମାନଙ୍କର ଅତ୍ୟଧିକ ଅର୍ଥକୁ ଗ୍ରହଣ କରିଥାଏ, ଅର୍ଥାତ୍ ରିଭର୍ସ ରିପୋ ରେଟ୍ ୩.୩୫ ପ୍ରତିଶତରେ ଅପରିବର୍ତ୍ତିତ ରହିଛି । କମ୍ ଦରର ରିଭର୍ସ ରିପୋ ରେଟ୍ ବ୍ୟାଙ୍କମାନଙ୍କୁ ସେମାନଙ୍କର ଉଦ୍‌ବୃତ୍ତ ଅର୍ଥକୁ ଆରବିଆଇ ନିକଟରେ ଜମା ରଖିବାରୁ ନିରୁତ୍ସାହିତ କରିବା ସହିତ ସେମାନଙ୍କୁ ବ୍ୟବସାୟିକ ଭାବରେ ଋଣ ଗ୍ରହୀତାମାନଙ୍କୁ ଋଣ ଦେବାକୁ ଉତ୍ସାହିତ କରିଥାଏ- ଯାହାର ଅର୍ଥ ଏହା ପୁଞ୍ଜିନିବେଶ ବା ଉପଭୋଗ ଅର୍ଥାତ୍ କମ୍ପସକୁ ବଢ଼ାଇବାରେ ଭୂମିକା ନିର୍ବାହ କରିଥାଏ । କୋଭିଜ୍-୧୯ ମହାମାରୀର ତୃତୀୟ ଲହର ଯୋଗୁଁ ଅର୍ଥନୀତିକ କାର୍ଯ୍ୟକଳାପ କ୍ଷେତ୍ରରେ କେତେକାଂଶରେ ମନ୍ଥରତା ଦେଖା ଦେଇଛି ବୋଲି ଏପିସି କହିଛି । ଏହାର ପ୍ରଭାବ ଉଭୟ ବିନିର୍ମାଣ ଏବଂ ସେବା କ୍ଷେତ୍ର, ବଜାର ଉପଯୋଗୀ ଷ୍ଟିଲର କମ୍ପସନ୍ ଏବଂ ଟ୍ରାକ୍ଟର, ଦୁଇଚକିଆ ଯାନ ତଥା ଯାତ୍ରୀବାହୀ ଯାନବାହନଗୁଡ଼ିକର ବିକ୍ରୟ ପଙ୍କି ମ୍ୟାନେଜର୍ସ ଇଣ୍ଡିସେସ୍ ଭଳି ଅତ୍ୟଧିକ ପରିବର୍ତ୍ତନଶୀଳ ସୂଚକାଙ୍କ ଗୁଡ଼ିକରେ ପ୍ରତିଫଳିତ ହୋଇଛି । ଯଦିଓ ଏହା ଉଲ୍ଲେଖ କରିଛି ଯେ ପାରିବାରିକ ଚାହିଦାର ମୁଖ୍ୟ ଆଧାର ଘରୋଇ ଉପଭୋଗ ବା କମ୍ପସନ୍ ଏବେ ସୁଦ୍ଧା ପ୍ରାକ୍-ମହାମାରୀ ଅବସ୍ଥାଠାରୁ ପଛରେ ରହିଛି, ତେବେ ୨୦୨୨-୨୩ରେ ବାସ୍ତବ ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୮ ପ୍ରତିଶତ ହେବ ବୋଲି ଆରବିଆଇ ଆଶା ପ୍ରକଟ କରିଛି, ଯାହା ୨୦୧୯-୨୦ର ଜିଡିପି ସ୍ତରଠାରୁ ସାମାନ୍ୟ ଉପର ସ୍ତରକୁ ଯିବ । ଆରବିଆଇର ବିଶ୍ୱାସ ଯେ ସରକାରଙ୍କ ଆର୍ଥିକ ବ୍ୟୟ ଘରୋଇ ପୁଞ୍ଜିନିବେଶକୁ ଅଧିକ ପରିମାଣରେ ଆକୃଷ୍ଟ କରି ପାରିବ, ଯାହା ବର୍ତ୍ତମାନ ଆଶା କରାଯାଉଥିବା ସ୍ତରରେ ନାହିଁ । ଉଲ୍ଲେଖଯୋଗ୍ୟ କି ପାଞ୍ଚଗୋଟି ରାଜ୍ୟର ବିଧାନସଭା ନିର୍ବାଚନ ରହିଥିବାରୁ ଅଶୋଧିତ ତୈଳ ଦରରେ ବୃଦ୍ଧି ସତ୍ତ୍ୱେ ଭାରତୀୟ ତୈଳ କମ୍ପାନୀମାନେ ଏହାର ପ୍ରଭାବକୁ ଖାଉଟିମାନଙ୍କ ଉପରେ ଏବେ ସୁଦ୍ଧା ଲଦି ନାହାନ୍ତି, ଅର୍ଥାତ୍ ତୈଳ ଦରରେ ଏ ପର୍ଯ୍ୟନ୍ତ ବୃଦ୍ଧି ଘଟିନାହିଁ । ଭିନ୍ନ ଭିନ୍ନ ଆର୍ଥିକ ନୀତିକୁ ଅବଲମ୍ବନ କରିବା, ଭୂ-ରାଜନୀତିକ ଉତ୍ତେଜନା, ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ନିରବଚ୍ଛିନ୍ନ ଭାବରେ ଅବ୍ୟାହତ ରହିଥିବା ଯୋଗାଣ ଶୃଙ୍ଖଳାଜନିତ ପ୍ରତିବନ୍ଧକଗୁଡ଼ିକୁ ବୈଶ୍ୱିକ ସ୍ତରରେ ଘଟୁଥିବା ପରିବର୍ତ୍ତନ ଓ ଉତ୍ଥାନ ପତନର କାରଣ ଭାବରେ ଚିହ୍ନଟ କରିଥିଲେ ମଧ୍ୟ ଭାରତୀୟ ଅର୍ଥନୀତିକୁ ଏହାର ପ୍ରଭାବରୁ ସୁରକ୍ଷିତ ରଖିବା ନିମନ୍ତେ ଏହାର କାର୍ଯ୍ୟଧାରା କ'ଣ ରହିବ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ ଆରବିଆଇ କିଛି ଉଲ୍ଲେଖ କରିନାହିଁ । ସେହିଭଳି ନିର୍ବାଚନ ପରେ ଯେତେବେଳେ ପେଟ୍ରୋଲ ଏବଂ ଡିଜେଲର ଦରବୃଦ୍ଧିକୁ । ଖାଉଟିମାନଙ୍କ ଉପରେ ଲଦି ଦିଆଯିବ, ସେତେବେଳେ ତା'ର ପ୍ରଭାବ କିପରି ହେବ, ସେ ବାବଦରେ ମଧ୍ୟ ଆରବିଆଇ କିଛି ମନ୍ତବ୍ୟ ପ୍ରଦାନ କରିନାହିଁ । ପୁନଶ୍ଚ, ପ୍ରାକ୍-ମହାମାରୀ ସ୍ୱାଭାବିକ ସ୍ଥିତିରେ ମୁଦ୍ରାସ୍ଫୀତି ଉପରେ ୨ ଲକ୍ଷ କୋଟି ଟଙ୍କା ତୁଳନାରେ ଉତ୍ତର-ମହାମାରୀ ସ୍ଥିତିରେ ବ୍ୟବସ୍ଥାରେ ୬.୫ ଲକ୍ଷ କୋଟି ଟଙ୍କାର ନଗଦ ଅର୍ଥର କିପରି ପ୍ରଭାବ ରହିବ ଏବଂ ଏହି ଅତ୍ୟାଧିକ ନଗଦ ଅର୍ଥକୁ ଶୋଷଣ କରିବାକୁ ଏହା କେଉଁ ଯୋଜନା କରିଛି, ସେ ବାବଦରେ ଆରବିଆଇ ନିରବ ରହିଛି । ମୋଟ ଘରୋଇ ଉତ୍ପାଦରେ ବୃଦ୍ଧି ଅନୁପାତରେ ବର୍ତ୍ତମାନ ସମୟରେ କେତେ ସଂଖ୍ୟକ କର୍ମନିଯୁକ୍ତି ସୃଷ୍ଟି କରାଯିବ, ସେ ବାବଦରେ ସରକାର ଯେମିତି ନିରବତା ଅବଲମ୍ବନ କରିଛନ୍ତି, ଆରବିଆଇ ମଧ୍ୟ ସେହିଭଳି ଏହାକୁ ବିଚାର ପରିସରକୁ ନେଇ ନଥିବା ମନେହୁଏ । ସମୟ ଉପଗତ ହୋଇଛି, ଆରବିଆଇକୁ ମିଶାଇ ସରକାରୀ ସଂସ୍ଥାମାନେ ଅର୍ଥନୀତିକ ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ଭଳି ମାତ୍ର ଦୁଇଗୋଟି ପ୍ରସଙ୍ଗ ଉପରେ । ଅର୍ଥନୀତିକ ପଦକ୍ଷେପ ନେବାରୁ ଆଗକୁ ଯାଇ ସାଧାରଣ ଲୋକଙ୍କ ଉପରେ ସେମାନଙ୍କର ନୀତିଗୁଡ଼ିକର କିପରି ପ୍ରଭାବ ରହୁଛି, ସେ ଦିଗରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ ।

# ପ୍ରେମ ପତ୍ର ଓ ପ୍ରେମ ଦିବସ

ସୁଧାଂଶୁ ଶେଖର ଦ୍ୱିବେଦୀ

ଆମେ ଯାହାକୁ ପ୍ରେମ କରୁ ତା'ପ୍ରତି ପ୍ରେମ ଅଭିବ୍ୟକ୍ତ କରିବା ପାଇଁ ପୂର୍ବରୁ ସଶକ୍ତ ମାଧ୍ୟମ ଥିଲା ପ୍ରେମ ପତ୍ର । ଲୁଚି ଲୁଚି ପ୍ରେମ ପତ୍ର ଲେଖିବା ଏବଂ ତାକୁ ପ୍ରେମିକା ପାଖରେ ପହଞ୍ଚାଇବା କୌଣସି ଯୁଦ୍ଧ କରିବାଠାରୁ କାମ ବଡ଼ କାର୍ଯ୍ୟ ନଥିଲା । ଯୌବନ ଅବସ୍ଥାରେ ପ୍ରେମ ପତ୍ରକୁ ଡାକ ଦ୍ୱାରା ପଠାଇବାର ଭୟ ପ୍ରେମିକ ପ୍ରମିକାମାନେ ସାହସ କରିପାରୁ ନଥିଲେ । କୌଣସି ବିଶ୍ୱାସ ପାତ୍ର ହାତରେ ପଠାଇ ବାକୁ ମଉକା ଖୋଜୁଥିଲେ । କିନ୍ତୁ ବିବାହିତ ସ୍ୱାମୀ ସ୍ତ୍ରୀ ଡାକ ଦ୍ୱାରା ପ୍ରେମ ପତ୍ର ପଠାଇବାର ସବୁଠାରୁ ସହଜ ମାଧ୍ୟମ ମାନୁଥିଲେ । ଏହାବି ଆବଶ୍ୟକ ନଥିଲା କେବଳ ଯୁବଗୋଷ୍ଠୀ ପ୍ରେମ ପତ୍ର ଲେଖୁ ଥିଲେ । କେତେକ ସାଧକ ଏଭଳି ଅଛନ୍ତି ଯେଉଁମାନେ ପରମାତ୍ମାଙ୍କୁ ପାଇବା ପାଇଁ ପ୍ରେମ ପତ୍ର (ଯୋଗକୁ) ମାଧ୍ୟମ କରୁଥିଲେ ।

ଭକ୍ତି ମାର୍ଗରେ ଆଜି ବି ଭଗବାନ ଶ୍ରୀକୃଷ୍ଣ ତାଙ୍କ ଗୋପୀ ଓ ରାଧାଙ୍କ ନିକଟକୁ ପ୍ରେମ ପତ୍ର ପଠାଉଥିଲେ । ପ୍ରେମକୁ ପ୍ରକଟ କରିବାର ଏକ ବଡ଼ ମାଧ୍ୟମ ହେଉଛି ପ୍ରେମ ପତ୍ର । କିନ୍ତୁ ଆଧୁନିକତାର ଦୌଡ଼ରେ ପତ୍ର ଲେଖିବାର ପରମ୍ପରା ଏବେ ସମାପ୍ତ ପ୍ରାୟଃ ଏବଂ ପ୍ରେମ ପ୍ରଦର୍ଶନର ଏହି ମାଧ୍ୟମ ଅତୀତର ଅଂଶ ହୋଇଯାଇଛି । ବାସ୍ତବରେ ପ୍ରେମ ପତ୍ରର ସ୍ଥାନ ଏବେ ୱାଟସଏପ, ଫେସବୁକ, ଟ୍ୱିଟର, ଇନଷ୍ଟା ଗ୍ରାମ ଆଦି ହାଇ ଟେକନିକ ମାଧ୍ୟମ ନେଇ ନେଇଛି । ଭିଡ଼ିଓ କଲ ମାଧ୍ୟମରେ ପ୍ରେମ ବାର୍ତ୍ତାଳାପ ସହଜ ଓ ସୁଗମ ହୋଇଯିବାରୁ ପ୍ରେମ ପତ୍ରର ମହତ୍ତ୍ୱରେ କଳଙ୍କ ଲାଗିଯାଇଛି ।

ତଥାପି 'ଭେଲେଣ୍ଟାଇନ ଡେ' ରେ ପ୍ରେମର ଆଦାନ ପ୍ରଦାନ କରିବା ପାଇଁ ତାକୁ ଏକ ଦିବସ ରୂପେ ପାଳନ କରା ହେଉଛି । ନିଜର ପ୍ରେମ ଭାବନାକୁ ଶବ୍ଦରେ ବଖାଣିବାକୁ ଏକପ୍ରକାର ସୁଯୋଗ ଯାହା ପ୍ରତ୍ୟକ ଯୁବା ହୃଦୟ ଆତୁରତାରେ ଅପେକ୍ଷା କରିଥାନ୍ତି । ପ୍ରେମର ଅନୁମତି ପାଇବା ପାଇଁ ଭେଲେଣ୍ଟାଇନ ଡେ ଖୁସିର ପ୍ରତୀକ

ବୋଲି ପାଳନ କରାଯାଏ । ପ୍ରେମ କରୁଥିବା ପ୍ରତ୍ୟକଙ୍କ ପାଇଁ ଏହି ଦିବସ ସ୍ୱତନ୍ତ୍ର ମହତ୍ତ୍ୱ ରଖିଥାଏ ।

ପୂରା ଦୁନିଆରେ ଫେବୃଆରୀ ୧୪ ତାରିଖରେ ହେଉଥିବା ପ୍ରେମ ନିବେଦନ ବିଭିନ୍ନ ଦେଶରେ ଅଲଗା ଅଲଗା ପ୍ରକାର ପାଳନ କରାଯାଏ । ପଶ୍ଚିମ ଦେଶ ଗୁଡିକରେ ଏହିଦିନ ସୌନ୍ଦର୍ଯ୍ୟକୁ ଆଗ୍ରାଧିକାର ଦେଇଥାଆନ୍ତି । ସେହିପରି ପୂର୍ବ କ୍ଷେତ୍ର ଗୁଡିକରେ ଏହି

ଦିବସକୁ ନିଜ ନିଜ ଢଙ୍ଗରେ ପାଳିଥାନ୍ତି ।ଚୀନରେ ଏହି ଦିନକୁ 'ନାଇଟ୍ସ ଅଫ ହେଭେନ୍ସ' ଏବଂ ଜାପାନ, କୋରିଆ ଦେଶ ଗୁଡିକରେ 'ହ୍ୱାଇଟ ଡେ' ରୂପେ ପାଳନ କରାଯାଏ । କେବଳ ଏତିକି ନୁହେଁ ଏସବୁ ଦେଶ ଗୁଡିକରେ ଫେବୃଆରୀ ୧୪ ତାରିଖରୁ ପୂରା ଗୋଟେ ମାସଯାଏ ଉତ୍ସବ ପାଳନ କରାହୁଏ । ପାଶ୍ଚାତ୍ୟ ସଂସ୍କୃତିରେ ଯୋଡି

ରହିଥିବା ଦୁନିଆରେ ପାରମ୍ପାରିକ ରୂପେ ଏହି ପର୍ବକୁ ପାଳନ କରିବା ଲାଗି 'ଭେଲେଣ୍ଟାଇନ ଡେ' ନାମରେ ପ୍ରେମ ପତ୍ର ଦେବା ନେବାର ଆଦାନ ପ୍ରଦାନ କରାଯାଏ । ତା ସହିତ ହୃଦୟର ଚିତ୍ର, କ୍ୱିପିଡ ଏବଂ ଫୁଲ ଆଦି ପ୍ରେମର ପ୍ରତୀକକୁ ଉପହାର ସ୍ୱରୂପ ଦେଇ ନିଜର ଭାବନାକୁ ପ୍ରଦର୍ଶିତ କରାହୁଏ ।

ପ୍ରତ୍ୟେକ ବର୍ଷ ପ୍ରାୟଃ ଗୋଟେ ବିଲୀୟନ ଭେଲେଣ୍ଟାଇନ୍ସ କାର୍ଡ ଜଣେ ଅନ୍ୟ ଜଣକୁ ପଠାଇଥାନ୍ତି । ଯାହା କ୍ରିସମାସ ଡେ ପରେ ସବୁ ଠାରୁ ଅଧିକ କାର୍ଡ ବିକ୍ରି ହେଉଥିବା ପର୍ବ ।

ଭେଲେଣ୍ଟାଇନ ଡେ ମୂଳ ରୂପେ ସନ୍ଥ ଭେଲେଣ୍ଟାଇନଙ୍କ ନାମରେ ପାଳନ କରାଯାଏ । ତାଙ୍କ ବିଷୟରେ ଅନେକ ଐତିହାସିକ ମତ ଅଛି । ୧୯୮୯ରେ କେଥେଲିକ ଚର୍ଚ୍ଚରେ ସମୁଦାୟ ୧୧ଜଣ ସନ୍ଥ ଭେଲେଣ୍ଟାଇନ ହେବାପାଇଁ ପୁଷ୍ଟି କରିଥିଲେ ଏବଂ ଫେବୃଆରୀ ୧୪ ତାରିଖରେ ସେମାନଙ୍କ ସମ୍ମାନାର୍ଥେ ଘୋଷଣା ହୋଇଥିଲା । ସେମାନଙ୍କ ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସନ୍ଥଙ୍କୁ ରୋମବାସୀ ସନ୍ଥ ଭେଲେଣ୍ଟାଇନ ବୋଲି ସ୍ୱୀକାର କରନ୍ତି ।

୧୨୬୦ରେ ସଂକଳିତ ହୋଇଥିବା 'ଆରିଆ ଅଫ ଜେକବସ ଡି ବାରାଜିତ' ପୁସ୍ତକରେ ସନ୍ଥ ଭେଲେଣ୍ଟାଇନଙ୍କ ବର୍ଣ୍ଣନା ଅଛି । ସେଇ ବେଳେ ରୋମରେ ସମ୍ରାଟ କ୍ଲାଡିୟସଙ୍କ ଶାସନ ଥିଲା । ତାଙ୍କ ଅନୁ ସାରେ ବିବାହ କରିଥିବା ପୁରୁଷଙ୍କର ଶକ୍ତି ଏବଂ ବୁଦ୍ଧି କମ ହୋଇ ଥାଏ । ତେଣୁ ସେ ଆଦେଶ ଜାରି କଲେ, ତାଙ୍କର କୌଣସି ସୈନ୍ୟ କି ଅଧିକାରୀ ବିବାହ କରି ପାରିବେନାହିଁ । ସନ୍ଥ ଭେଲେଣ୍ଟାଇନ ଏଭଳି କ୍ରୁର ଆଦେଶକୁ ଘୋର ବିରୋଧ କଲେ । ତାଙ୍କ ଆହ୍ୱାନରେ ଅନେକ ସୈନିକ ଓ ଅଧିକାରୀ ବିବାହ କରିବାକୁ ଏକମତ ହେଲେ । ସମ୍ରାଟ କ୍ଲାଡିୟସ ଏହା ଜାଣିବା ପରେ ୧୨୬୯ ଫେବୃଆରୀ ୧୪ ତାରିଖରେ ସନ୍ଥ ଭେଲେଣ୍ଟାଇନଙ୍କୁ ଫାଶୀ ଦେଇଦେଲେ । ସେହିଦିନଠାରୁ ତାଙ୍କରି ସ୍ମୃତି ଦିବସକୁ 'ପ୍ରେମ ଦିବସ' ରୂପେ ପାଳନ କରାହେଉଛି ।

♥ ବିସି-୭୪,ସଲଟ ଲେକ,କଲକାତା-୬୪
(ମୋ) ୯୬୮୧୩୭୩୫୧

# ଅଚିନ୍ତନୀୟ ପ୍ରେମ ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ

ବିପିନ ବିହାରୀ ରାଉତ

ଆଜି ବିଶ୍ୱ ଭାଲେଣ୍ଟାଇନ ଡେ ତଥାକଥିତ ଭାବେ ବିଭିନ୍ନ ଭାବ, ବିଭିନ୍ନ ଢ଼ଙ୍ଗରେ ଅନୁଷ୍ଠିତ ହେଉଛି । ହେଲେ ଆମେ ସମସ୍ତେ ଭୁଲି ଯାଉଛେ ଯେ ବାସ୍ତବରେ ପ୍ରେମ କ'ଣ? ପ୍ରେମ କେବଳ ଲିଭିଙ୍ଗ ଟୁଗେଦର ବାହାନା ବା ଦେହଭାବର ଭାବାର୍ଥ ନୁହେଁ । ଏହା ଅତ୍ୟନ୍ତ ପ୍ରାସଙ୍ଗିକ ଓ ମୂଲ୍ୟବୋଧଭିତ୍ତିକ ତଥା ଅନୁପ୍ରେରଣୀୟ । ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କରିବା ଉଚିତ । ଆଉ ଯେଉଁଥିରେ କ୍ରୁରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯିବାନାହିଁ । ଆମେମାନେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାରୁ, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାରୁ ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାରୁ, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ଆମର କିଛି ବି ହୋଇନାହିଁ । ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ । ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ । ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ । ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା

ହୁଅ ନାହିଁ । ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି । ବିଷ ଅମୃତ ହୋଇଗଲା । ଆଉ ମା' କେବଳ ମା' - କାମିନୀ ନୁହେଁ । ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ । ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ । ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ । ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ । ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି । ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି । ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ । ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ । ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ? ନିଜ ଇଷ୍ଟ ବା ଗୁରୁଙ୍କ ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ । ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର । ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ ।

ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ । ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ । ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ । ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବା ବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବା ବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ । ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ । ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ । ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ । ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା । ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା । ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ ।

♥ ଶ୍ରୀବିହାର କଲୋନୀ, କଟକ, (ମୋ)୯୪୩୭୬୬୬୪୫୩

# ଭୋଟ ପୂର୍ବରୁ ନିଶା ଉପରେ ସରକାର ତାଙ୍କର ଆଭିମୁଖ୍ୟ ପରିଷ୍କାର କରିବା ଆବଶ୍ୟକ

ସୁବ୍ରତ କର

ନିଶା ଆମ ରକ୍ତରେ ମିଶିଯାଇଛି । ବିଶେଷକରି ମଦନିଶା । ଏଥିରେ ସରକାର ସାହାଯ୍ୟ କରିବାରେ ବ୍ୟସ୍ତ । ମଦ ବିକ୍ରୀ କରି ସରକାରଙ୍କ ରାଜକୋଷ କେମିତି ବଢୁ, ଆଉ ସବୁ ଯାହା ହେଉଛି ହେଉ । ମଦରୁ ଆସୁଥିବା ଟଙ୍କା ପ୍ରାୟ ୪୦୦୦-୪୫୦୦ କୋଟି ଟଙ୍କା । ଏହି ଟଙ୍କା କଣ ସାଧାରଣ ଜନତାଙ୍କ ଉପରେ କୌଣସି ପ୍ରକାରରେ ଟ୍ୟାକ୍ସ ବସାଇ ଆଦାୟ କରି ହେବ ନାହିଁ? ଏବେ ସରକାର ଟଙ୍କିକିଆ ଚାଉଳ ଗରିବ ଲ

# ନମ୍ରତା ଟିକେ ଭୁଲ ହୋଇଗଲା...

ରଣଜିତ କୁମାର ବେହେରା

ହେଇ ଶୁଣୁଛ ନମ୍ରତା, ମୋର ଖାଇବାର ବାଢ଼ିଦିଅ। ମୋତେ ନିଦ ଲାଗିଲାଣି, ବଡ଼ି ସକାଳୁ ଉଠିବାକୁ ପଡ଼ିବ। ମର୍ଣ୍ଣିଂ ୱାକ୍‌ରେ ଯିବାକୁ ପଡ଼ିବ। ଏତିକି କହି ଦୀପକ ବାବୁ ଖାଇପିଇ ବିଛଣାରେ ଶୋଇ ପଡ଼ିଲେ। ହଠାତ୍ ମଧ୍ୟ ରାତ୍ରିରେ ସୁଖ ନିଦ୍ରା ଭାଙ୍ଗି ଗଲା। ସେ ଉଚ୍ଚ ସ୍ୱରରେ ପ୍ରଳାପ କରୁଛନ୍ତି 'ନମ୍ରତା ଟିକେ ଭୁଲ ହୋଇଗଲା', 'ନମ୍ରତା ଟିକିଏ ଭୁଲ ହୋଇଗଲା।'

ଦୀପକ ବାବୁ ବାଲ୍ୟକାଳରେ ଟିକେ ଚଗଲା ଥିଲେ। ଘରର ଦାରିଦ୍ର୍ୟତା ସତ୍ତ୍ୱେ ସେ ନିଜକୁ ଅଧିକ ପାଠ ପଢୁଆ କରିପାରି ଥିଲେ। ନିଜର ବିଦ୍ୟା, ବୁଦ୍ଧି ବଳରେ ସରକାରୀ ଶିକ୍ଷକ ହୋଇପାରିଥିଲେ। ହେଲେ, ସ୍ୱଭାବରେ ଟିକେ ସ୍ୱାଭିମାନୀ, ଅଭିମାନୀ ଓ ବଦ୍‌ରାଗୀ ଥିଲେ। ଭାବିଥିଲେ ଜୀବନରେ ଉନ୍ନତିର ଶିଖରକୁ ଛୁଇଁବେ ହେଲେ ତାହା ସମ୍ଭବ ହୋଇପାରିଲା ନହିଁ। ଯଦିଚ ସମ୍ଭବ ହୋଇନାହିଁ, ତେବେ ନିଜ ସନ୍ତାନ ମାନଙ୍କଠାରେ ନିଶ୍ଚିତ ପ୍ରତିଫଳିତ କରାଇବେ ବୋଲି ଆଶା ରଖିଲେ।

ଦୀପକ ବାବୁ ବାହା ହେଲେ ବାଲେଶ୍ୱର ଜିଲ୍ଲାପାଖ ମୟୁରଭଂଜର ଗୋଟିଏ ଛୋଟ ଗ୍ରାମରୁ। ଝିଅଟି ଥିଲା ନମ୍ର, ଭଦ୍ର, ସୁଶ୍ରୀ ଓ ଶିକ୍ଷିତା। ଠିକ୍ ସମୟରେ ବ୍ୟବଧାରେ ଦୁଇଟି ପୁତ୍ର ସନ୍ତାନ ପ୍ରାପ୍ତି ହେଲା। ପିଲା ଦୁଇଟି ବାଲ୍ୟବସ୍ଥାରେ ଥିଲେ କର୍ମଠ ଓ ଅଧ୍ୟବସାୟୀ। ଦୀପକ ବାବୁ ଦିନରାତି ବିଦ୍ୟାଳୟର ଶିକ୍ଷକତା ସହିତ ଘରେ ଟିଉସନ କରି ଭଲ ରୋଜଗାର କଲେ। ଆର୍ଥିକ ଅବସ୍ଥାର ବେଶ୍ ଭଲ ପରିବର୍ତ୍ତନ ହେଲା। ବହୁ ଜାଗା, ଜମି କିଣି ରଖିଲେ ପିଲାଙ୍କ ଭବିଷ୍ୟତ ପାଇଁ। ପିଲାଙ୍କ ପଢ଼ାପଢ଼ି ପାଇଁ ଆବଶ୍ୟକ ଅର୍ଥ ଖର୍ଚ୍ଚ କଲେ। ନିଜଠାରୁ ପିଲାଙ୍କୁ ଦୁଇପାଦ ଆଗକୁ ନେବେ, ଉଚ୍ଚ ଶିକ୍ଷିତ କରି ଭଲ ଚାକିରୀଟିଏ କରାଇଦେବେ ଆଶା ରଖିଲେ।

ପାଠପଢ଼ା ସମୟରେ ପିଲାଙ୍କୁ ପାଠ ପଢ଼ା ବ୍ୟତୀତ ଅନ୍ୟ କାମରୁ ଦୂରେଇ ରଖିଲେ ଏପରିକି ବଜାର ହାଟ କରିବା, ନିଜ ଜୋତା ସିଲେଇ, ପ୍ୟାଣ୍ଟ ସାର୍ଟ ଓ ଘଡ଼ି ମରାମତି କାମ ବି କିଛି ଅନ୍ୟକାମ କରିବାକୁ ଦେଲେ ନାହିଁ। ଉଚ୍ଛା ଥିଲେ କଲେ, ବଳେ, କଉଶଳେ ଉଚ୍ଚ ଆସନରେ ବସାଇବେ। ଏହାର ସୁଯୋଗ ନେଇ ବଡ଼ ପୁଅ କୁନା ଓ ସାନ ମୁନା ଦୁହେଁ କିଛି କାମ କରିଲେ ନାହିଁକି ଶିକ୍ଷିବାର ସୁଯୋଗ ନେଲେ ନାହିଁ। ସମାଜର ବିଭିନ୍ନ ଘାତ ପ୍ରତିଘାତରୁ ନିଜକୁ ଦୂରେଇ ରଖିଲେ। ଘର କୋଣରେ ରହି ଘରମୁହାଁ ହୋଇ ରହିଲେ। ବାହାରର କୌଣସି କାମ କରିବାକି କାମ କରିବାର କାଇଦା, କାରସାଦି କଥା ଜାଣିପାରିଲେ ନାହିଁ। ପିଲା ଦୁଇଟି ଘର କୋଣରେ ପଶିରହି ବାହାର ଦୁନିଆ ବିଷୟରେ ଅନଭିଜ୍ଞ ହୋଇଗଲେ। ଖାଦ୍ୟ ଖାଇବା, ପାଠ ପଢ଼ିବା ମୁଖ୍ୟକାମ ହୋଇ ରହିଲା। ପରିଶ୍ରମ କାମ ନକରିବା ପାଇଁ ଦେହର ରୋଗ ପ୍ରତିରୋଧକ ଶକ୍ତି କମି ବିଭିନ୍ନ ରୋଗର ଶିକାର ହେଲେ।

କର୍ମମୟ ଜୀବନରେ କର୍ମ କରୁକରୁ ଦୀପକ ବାବୁଙ୍କର ବାର୍ଦ୍ଧକ୍ୟ ଆସିଯାଇଛି। ପୁତ୍ର ଦୁଇଟି କୁନା ଓ ମୁନାର ପାଠ ପଢ଼ା ସରିଯାଇଛି। ସେମାନଙ୍କର ସରକାରୀ ଚାକିରୀ ବୟସ ମଧ୍ୟ ସରିଯାଇଛି। ଦୀପକ ବାବୁ ଦୁଶ୍ଚିନ୍ତାରେ ହତାଶ ହୋଇ ଯାଇଛନ୍ତି। ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଛନ୍ତି। ପିଲାଙ୍କ ଭବିଷ୍ୟତ ଚିନ୍ତାରେ ସେ ଭାରାକ୍ରାନ୍ତ। ମାତା ନମ୍ରତାଙ୍କର ରୂପ ବେଶ୍ ଶୋଭନୀୟ। ଆଚାର, ବ୍ୟବହାର ନମ୍ର ଓ ମାର୍ଜିତ। ଘରକରଣା କାମରେ ବେଶ୍ ନିପୁଣ। ସେ କଷ୍ଟ ସହିଷ୍ଣୁ ମଧ୍ୟ ନିଜ କଷ୍ଟ କଥା କାହାରିଙ୍କୁ କୁହନ୍ତି ନାହିଁ। କେବଳ କର୍ତ୍ତବ୍ୟ ଛଡ଼ା ଅନ୍ୟ କଥା ଜାଣନ୍ତିନି।

ଦୀପକ ବାବୁ ଆଜି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ହୋଇ ଯାଇଛନ୍ତି। ଆଗଭଳି ଆଗଭର ହୋଇ କିଛି କାମ କରିପାରୁ ନାହାଁନ୍ତି। ଆଖିର ଦୃଷ୍ଟି ଶକ୍ତି ଓ କାନର ଶ୍ରବଣ ଶକ୍ତି କମି ଯାଇଛି। ମନୋବଳ ଏବଂ ସ୍ମରଣ ଶକ୍ତି ହ୍ରାସ ପାଇଯାଇଛି। କିଛି ସମ ବୟସ୍କ ବନ୍ଧୁ ମାନଙ୍କ ସହିତ ପ୍ରାତ ଭ୍ରମଣରେ ଦେଖା ହୁଏ। ଭାବର ଆଦାନ, ପ୍ରଦାନ ମଧ୍ୟ ହୁଏ। ସେ ବନ୍ଧୁମାନଙ୍କର ପିଲାଙ୍କ ଚାକିରୀ ଓ ବାହାଘର କଥା ଶୁଣନ୍ତି, ହେଲେ, ନିଜ ପିଲାଙ୍କ କଥା କହିବାକୁ ଲଜ୍ଜିତ ମନେ କରନ୍ତି। ଈଶ୍ୱରଙ୍କୁ ଏକାନ୍ତରେ ଗାଳି ଦିଅନ୍ତି, କହନ୍ତି ମୁଁ ତ କାହାରି କ୍ଷତି କରିନାହିଁ ବରଂ ଅନ୍ୟ ପିଲାଙ୍କୁ ପାଠ ପଢ଼ାଇ ଭଲ ମଣିଷ କରି ଗଢ଼ି ତୋଳିଛି। ସେମାନେ ବର୍ତ୍ତମାନ ଡାକ୍ତର, ଇଂଜିନିୟର ଏବଂ ପ୍ରଶାସନିକ କ୍ଷେତ୍ରରେ ଉଚ୍ଚ ପଦ-ପଦବୀରେ ପ୍ରତିଷ୍ଠିତ ହୋଇଛନ୍ତି। ମୋତେ ପ୍ରଭୁ ଏପରି ଦଣ୍ଡ ଦେଲ କାହିଁକି ? ମୋର ପିଲା ଦୁଇଟିକୁ ଠିକ୍ ସମୟରେ ଉଚିତ୍ ସ୍ଥାନରେ ପ୍ରତିଷ୍ଠିତ ହେଲନାହିଁ କାହିଁକି ? କେହି କୂଳ, କିନାରା ଲାଗି ପାରିଲେ ନାହିଁ। ଏହା କଣ ଠିକ୍ କଲ ?

ଦୀପକ୍ ବାବୁଙ୍କର ଗୋଟିଏ ଭଲ ଅଭ୍ୟାସ ସେ କିଛି ସାର୍ଟିଫିକେଟ ହାସଲ କରିବା ପାଇଁ ରୀତିମତ୍ ପାଠ ପଢ଼ି ଚାଲନ୍ତି। କିଛି ଜାଣିବାପାଇଁ ବିଭିନ୍ନ ବହି ପଢ଼ିବା ତାଙ୍କର ଅଭ୍ୟାସ। ବିଭିନ୍ନ ବୈଜ୍ଞାନିକଙ୍କ କଥା କି ଔଷଧୀୟ ବୃକ୍ଷ କଥା ବହି ପଢ଼ିବାରେ ନିଜକୁ ଜଡ଼ିତ ରଖିଥାନ୍ତି। ନିଜେ ମଧ୍ୟ ବିଭିନ୍ନ କବିରାଜି ଔଷଧ ଖାଇବା, ବ୍ୟାୟାମ, ଯୋଗ, ପ୍ରାତଃ ଭ୍ରମଣ ଆଦି ଜାରି ରଖିଥାନ୍ତି।

ଆଜି କଣ କାହିଁକି କେଜାଣି ବେଶି ଥକ୍କା ଲାଗୁଛି। ଧର୍ମପତ୍ନୀ ନମ୍ରତାକୁ ଡାକି କହିଛନ୍ତି ମୋତେ ଟିକେ ଶୀଘ୍ର ଖାଇବାକୁ ଦିଅ। ମୁଁ ଶୋଇବି, ମୋତେ ନିଦ ଲାଗୁଛି। ସକାଳ ମୋତେ ପ୍ରାତଃ ଭ୍ରମଣରେ ଯିବାକୁ ପଡ଼ିବ। ନମ୍ରତା ମଧ୍ୟ ଠିକ୍ ସମୟରେ ଖାଦ୍ୟ ଟେବୁଲ ଉପରେ ଦେଇ ଦେଇଛନ୍ତି। ଦୀପକ ବାବୁ ଶୀଘ୍ର ଖାଇ ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରି ଶୋଇ ଯାଇଛନ୍ତି। ମନରେ ପିଲା ଛୁଆଙ୍କର ବିଭିନ୍ନ ଚିନ୍ତା, ନିଜର ବୟସ ବହୁତ ହୋଇଗଲାଣି। ପିଲାଙ୍କ ଭବିଷ୍ୟତ କିଛି ଭଲ ଦେଖାଯାଉନହିଁ। ମୋର ଏହି ସିମିତ ପେନସନରେ ଦୁଇ ପିଲା ଓ ସ୍ତ୍ରୀ କଥା କିପରି ବୁଝିପାରିବି। ଦରଦାମ୍ ସବୁ ବଢ଼ିଗଲାଣି। ସଂସାରର ଖର୍ଚ୍ଚ ଏହି ସ୍ୱଳ୍ପ ଆୟରେ ସମ୍ଭବ ହୋଇପାରୁନି। ଏହିସବୁ ଚିନ୍ତା କରୁ କରୁ କେତେବେଳେ ନିଦ ହୋଇଯାଇଛି।

ମଧ୍ୟରାତିରେ ହଠାତ୍ ଦୀପକ ବାବୁଙ୍କର ନିଦ ଭାଙ୍ଗି ଯାଇଛି। ଦୀପକ୍ ବାବୁ ଚିତ୍କାର କରିଛନ୍ତି। 'ନମ୍ରତା ଟିକେ ଭୁଲ୍ ହୋଇଗଲା', 'ନମ୍ରତା ଟିକେ ଭୁଲ ହୋଇଗଲା'। ବିଳିବିଳେଇ ହୋଇ କହିଛନ୍ତି ପିଲାଙ୍କୁ ଅତି ସୌଖୀନରେ ବଢ଼ାଇବା, ପିଲାଙ୍କ ଆବଶ୍ୟକତା ସଙ୍ଗେ ସଙ୍ଗେ ପୂରଣ କରିବା, ବାହାର ଦୁନିଆଠାରୁ ଦୂରେଇ ରଖିବା ଏକ ଭୁଲ ନିଷ୍ପତ୍ତି ଥିଲା। ଯୁବକ ଅବସ୍ଥାରେ ପରିଶ୍ରମ ନ କରାଇବା, ପିଲାଙ୍କ ସହିତ ବନ୍ଧୁ ଭଳି ନିମିଶି କ୍ରୋଧିତ ହୋଇ ରହିବା, କାହାରିକୁ ଟଙ୍କା ଦେଇ ପିଲାଙ୍କୁ ଚାକିରୀ କରାଇଦେବା କଥା ତାଙ୍କ ଆଗରେ କଥାହେବା ସବୁଥିଲା ଭୁଲ୍।

ନମ୍ରତା ଏସବୁ ବିଳିବିଳେଇବା କଥାଶୁଣି ଉଠି ପଡ଼ିଛନ୍ତି ଏବଂ ଦୀପକ ବାବୁଙ୍କ ହଲାଇ ଦେଇ କହିଛନ୍ତି ଏ ସବୁ କଣ କହୁଛ ? ଏସବୁତ ଈଶ୍ୱରଙ୍କ ଇଚ୍ଛା। ଏହା ବୋଧହୁଏ ଆମ ଅତୀତ ଜନ୍ମ କର୍ମର ଫଳ।

ତୁମେତ ବାପା ହିସାବରେ ସବୁ କର୍ମ କରିଛ ? ମୁଁ ମାଆ ହିସାବରେ ମୋ କର୍ତ୍ତବ୍ୟ କରିଛି। ତେବେ କେଉଁଠି ଭୁଲ୍ ରହିଗଲା। ଦୀପକ ବାବୁ କହିଲେ ନା- ନା ସଂସାର ଗୋଟି ଚାଳନାରେ ଟିକେ ତ୍ରୁଟି ରହିଗଲା। ମୋର ସ୍ୱାଭିମାନ, ଅଭିମାନ, ଗର୍ବ କ୍ଷଣକୋପ ମୋତେ ବିପଥଗାମୀ କରିଛି। ମୁଁ ଉଚିତ୍ ଦିଗଦର୍ଶନ ଦେବାରେ ତ୍ରୁଟି କରିଛି। ନମ୍ରତା କହି ପକାଇଲେ ଏସବୁ କଣ କହୁଛ ? ଦୀପକ୍ ବାବୁ ପ୍ରତି ଉତ୍ତରରେ କହିଲେ ମୁଁ ଠିକ୍ କହୁଛି 'ନମ୍ରତା ଟିକେ ଭୁଲ୍ ହୋଇଗଲା'.....

+ମାଣିଖମ୍ବ, ମୋତିଗଂଜ
ବାଲେଶ୍ୱର
ମୋ: ୯୨୩୮୫୬୮୮୧୧

# ବରଗଛ

ଶିବାଶିଷ ପାଢ଼ୀ

ଗାଁର ଠିକ ମଝାମଝି ଥିଲା ବରଗଛଟି। କେହି ଘୋଷଣା କରି ନଥିଲେ ବି ସେ ଜାଗାକୁ ବସଷ୍ଟାଣ୍ଡ କହୁଥିଲେ ଲୋକେ କାରଣ ବସ ଯାତ୍ରୀଙ୍କ ପ୍ରତୀକ୍ଷାଳୟ ରୂପେ ବ୍ୟବହାର ହେଉଥିଲା ତା'ର ତଳେ ଥିବା ବିରାଟ ମଣ୍ଡପଟି।

କେବଳ ଲୋକଙ୍କୁ କାହିଁକି କାହିଁ କେତେ ଜାତିର ପକ୍ଷୀଙ୍କ ବି ନିର୍ଭୟ ଆଶ୍ରୟସ୍ଥଳ ଥିଲା ସେ ବରଗଛ। ସନ୍ଧ୍ୟା ନହେଉଣୁ ସ୍ଥାନୀୟ ଲୋକଙ୍କ ଆଡ୍ଡା ପାଲଟୁଥିଲା। ଚାଲୁଥିଲା ଅନେକ କିସମର ଆଲୋଚନା। ଗାଁ ସରପଞ୍ଚ ଠୁ ନେଇ ରାଷ୍ଟ୍ରପତି ତ କେବେ କେବେ ପାକିସ୍ତାନ ଆମେରିକା ଚିନ ଯାଏ ଲମ୍ବୁଥିଲା କଥା। ଲୋକଙ୍କ କଥାକୁ ମନଦେଇ ଶୁଣୁଥିଲା ବରଗଛ ହେଲେ ତାକୁ ବହୁତ ଖୁସି ଲାଗୁଥିଲା ଯେତେ ବେଳେ ଥରେଥରେ ତା ବିଷୟରେ ଆଲୋଚନା କରୁଥିଲେ ଲୋକେ।

ତାକୁ ପ୍ରଶଂସାରେ ପୋତି ପକାଉ ଗଣୁଥିଲେ। ତା'ର ଉପକାରିତା ସବୁକୁ ଗଣଉଥିଲେ। ମନ କୁଣ୍ଡେମୋଟ ହୋଇ ଯାଉଥିଲା ତାର।

ହେଲେ ଯେଉଁଦିନୁ ରାସ୍ତା ସମ୍ପ୍ରସାରଣ ପାଇଁ ସରକାରୀ ଆଦେଶ ଆସିଥିଲା ସେଦିନୁ କେବଳ ସେ ଗୋଟିଏ ବିଷୟରେ ହିଁ ଆଲୋଚନା ଚଳୁଥିଲା। କାହାର କେତେ ଜମି ଯିବ ? କିଏ କେତେ ଟଙ୍କା ପାଇବ ? କାହାର ବେଶି ତ କାହାର କମ ହେଉଛି ସେ ନେଇ ଘମାଘୋଟ ଆଲୋଚନା ଚାଲୁଥିଲା। ସବୁ ଶୁଣୁଥିଲା ବରଗଛ। ଏବେ ଆଉ ତାର କଥା ପଚୁ ନଥିଲା ପ୍ରାୟ ଯଦିବା କେବେ ପଚୁଥିଲା ତେବେ ତାର ଅପକାର ହିଁ ଗାଉଥିଲେ ଲୋକେ। ସେ ଯେ ଏତେ ଜାଗା ମାଡି ବସି ଲୋକଙ୍କ ପାଇଁ ଅସୁବିଧାର କାରଣ ହୋଇଛି ଏକଥା ଏବେ ଏବେ ଜାଣୁଥିଲା ସେ। ଆହୁରି ବି ଜାଣୁଥିଲା ଆଶ୍ରିତ ପକ୍ଷୀଙ୍କ କଳରବଟି ଲୋକଙ୍କ ପାଇଁ ଅସହ୍ୟ ହେଉଛି। ମନ ଦୁଃଖ କରୁଥିଲା ସେ। ହେଲେ ଯେଉଁଦିନୁ ଜାଣିଲା ତାର ଆୟୁଷ ଆଉ ଅଳ୍ପ ବାକି ଅଛି ସେ ଦିନୁ ଦୁଃଖ କରିବା ଛାଡିଦେଲା ସେ।

ହଠାତ ଦେଖାଗଲା ଶୁଖି ଶୁଖି ଆସୁଛି ବରଗଛ। ପତ୍ରସବୁ ଝଡିଗଲେ ଧୀରେ ଧୀରେ। ଆଶ୍ରିତ ପକ୍ଷୀସବୁ ଚାଲିଗଲେ ଯେ ଯା ବାଟରେ।

ତଥାପି ସେ ଥୁଣ୍ଟା ଗଛତଳେ ବସୁଥିଲେ ଲୋକେ। ବରଗଛକୁ ମନେ ପକାଇ ମନ ଦୁଃଖ କରୁଥିଲେ ହେଲେ ତଥାପି ସମ୍ପୂର୍ଣ୍ଣ ମରି ନଥିବା ବରଗଛ ହସୁଥିଲା ମନେ ମନେ !

ରାସ୍ତା କାମ ଆରମ୍ଭ ହୋଇ ସାରିଥିଲା !

+ହେମଗିର, ସୁନ୍ଦରଗଡ-୧୩
ମୋ: ୯୭୭୮୧୭୪୯୭୮



# ବୋଉ

ରତ୍ନକାନ୍ତି ମିଶ୍ର

ବିବେକ ସେଇ ମାତ୍ର ଫେରିଥିଲା ହସ୍ପିଟାଲରୁ। ମୃତ୍ୟୁ ସହିତ ସଂଗ୍ରାମ କରି କୌଣସି ମତେ ଜିତି ଯାଇଥିଲା ଏବଂ ପ୍ରାୟ ପନ୍ଦର ଦିନ ପରେ ଫେରିଥିଲା ଘରକୁ। ଘରେ ପାଦ ଦେଲା ତ, ସାମ୍ନାରେ ଥିଲା ବୋଉ। ହାତ ଦୁଇଟା ପାଦ ଛୁଇଁବ ନା ଗୋଟାପଣେ ବୋଉକୁ ଜାବୁଡି ଧରିବ ଏକଥା ନିଷ୍ପତ୍ତି ନେବା ପୂର୍ବରୁ, ଶିରାଳ ହାତ ଦି'ଟା ମୁଣ୍ଡ ସମେତ ମୁହଁକୁ ଆଉଁସି କୁଣ୍ଢେଇ ସାରିଥିଲା ସେତେ ବେଳକୁ। କୋଉ ଦିନରୁ ହଜି ଯାଇଥିବା ବା ପାଶୋରି ଦେଇଥିବା ଅନୁଭବ ପୁଣି ଥରେ ଯେମିତି ଛୁଇଁ ଯାଉଥିଲା ତା'ର ସମଗ୍ର ସତ୍ତାକୁ। ଏଭଳି ମହାର୍ଘ ଅନୁଭବକୁ ପ୍ରକାଶ କରିବାକୁ କେହି ବି ସମର୍ଥ ହୋଇ ପାରିବେ କି କେବେ ? କୋଉ ଶବ୍ଦ କେତେ ନିୟତ କଲେ ଖୋଲି ପାରିଥାନ୍ତା ତା ଛାତି ତଳେ ଲହରେଇ ଯାଉଥିବା ପୁଲକିତ ଭାବ ତରଙ୍ଗକୁ ! ସବୁ ଯେମିତି ନିଥର ନିର୍ବାକ। ଖାଲି କୋହ, ଲୁହ ଆଉ କାରୁଣ୍ୟର ମିଳିତ ଶବ୍ଦଟିଏ ତା' ପାଟିରୁ ବାହାରି ପଡିଲା -'ବୋଉ ! 'ତା' ଦେହଟାକୁ ସମ୍ପୂର୍ଣ୍ଣ କୋଳେଇ ନେବାକୁ ଯେମିତି ସାମର୍ଥ୍ୟ ଖୋଜୁଥିଲା ନିସ୍ତେଜ ହୋଇ ଆସୁଥିବା ହାତ ଦୁଇଟା। ଏ ନିବିଡତାର ପୂର୍ଣ୍ଣଛେଦ ନଥାନ୍ତା କି !

ହେଲେ ଶୁଭର ଡାକ ହିଁ ବଦଳେଇ ଦେଲା ସେ ମହାଭାବର ମହାନୁଭବ।- 'ବାବା, ଦେଖିବ ଆସ, ଆମ ଠାକୁର ଘର। ଜାଣିଚ ବାବା ! ତୁମ ବୋଉ ଠାକୁରଙ୍କ ପାଖରେ କ'ଣ ସବୁ ବିଡ ବିଡ ହୋଇ କୁହନ୍ତି।' ବିବେକ ବୁଝି ପାରିଲା ବୋଉ ଠାକୁର ପୂଜା କଲାବେଳେ କେତେ ନା କେତେ ମନ୍ତ୍ର ସବୁ ପଢେ। ସେ କାହିଁ କେତେ ଦିନରୁ ଛାଡି ଆସିଥିବା ପିଲାଦିନରେ ପହଞ୍ଚିଗଲା। ଛୁଆ ବେଳୁ ହିଁ ସେ ଦେଖି ଆସିଛି ବୋଉର ଏ ନିୟମିତ ପୂଜା ପାଠ, ଠାକୁରଙ୍କ ସାମ୍ନାରେ ତା'ର ଅଶ୍ରୁ ନୈବେଦ୍ୟ, ଗୁହାରି..! ତାକୁ ଲାଗେ ବୋଉର ଏ ଅସ୍ପଷ୍ଟ ଉଚ୍ଚାରଣ ଯେମିତି ଅନବରତ ତରଙ୍ଗ ଖେଳେଇ ଚାଲିଛି ଇଥରରେ, ଆଉ ସେଇ ତରଙ୍ଗ ଅନତିକ୍ରମ ବଳୟଟିଏ ସୃଷ୍ଟି କରିଛି ତା' ଚାରିପଟେ..! ସେ ଆତ୍ମଲୀନ ହୋଇ ପଡୁଥିଲା...!! ଗାଆଁରୁ ବାଙ୍ଗାଲୋର ! ଏତେ ବାଟ କେମିତି ଆସିଲା ବୋଉ ? ଗାଆଁ ଛାଡିବ ନାହିଁ ବୋଲି ପଣ କରିଥିବା ବୋଉର ଏ ମନ ପରିବର୍ତ୍ତନ କାହିଁକି ? ଅରୁଣାର ସମସ୍ତ ଯୁକ୍ତିତର୍କ ଓ ବିରୋଧକୁ ବେଖାତିର କରି ଥରେ ଅବଶ୍ୟ ସେ ବାଙ୍ଗାଲୋର ନେଇ ଆସିଥିଲା ବୋଉକୁ। ହେଲେ ଏ ସହରର ନିର୍ଜୀବ ଅବସ୍ଥାନ ବୋଉକୁ ଅସହଜ ଲାଗିଥିଲା। କେତେ ସରାଗରେ ପେଡ଼ି ପୁଟୁଳା ଭିତରେ ଧରି ଆଣିଥିବା ତା'ର ସବୁ ପୂଜା ସରଞ୍ଜାମ ଶେଷ ପର୍ଯ୍ୟନ୍ତ ଖୋଲା ଯାଇ ପାରିନଥିଲା। ଗୋଟିଏ ବିଚିତ୍ର ଜୀବନର ଚଳଣି ତାକୁ ଅଣନିଃଶ୍ୱାସୀ କରି ଦେଇଥିଲା। ସେ ଛାଟିପିଟି ହେଉଥିଲା ମନେ ମନେ। ବୁଡ ପକାଇବାକୁ ନଥିଲା ଚିରସ୍ରୋତା ବ୍ରାହ୍ମଣୀ ନଦୀ କିମ୍ବା ବା ମୁଣ୍ଡିଆ ପକାଇବାକୁ ତୁଳସୀ ଚଉଁରା ନଥିଲା ଦୁଆରେ। ତା ଠାକୁର ମୂର୍ତ୍ତି ବା ଫଟୋ କେତୋଟି ଥୋଇବାକୁ ଜାଗା ନଥିଲା ଏ ଘରେ କୋଉଠି। ଖାଇବା ପିଇବା ତାକୁ ରୁଚୁ ନଥିଲା।

ବିବେକ ଓ ଅରୁଣା ଦୁହେଁ ଚାକିରୀ, ପାର୍ଟି, ହୋଟେଲ ଇତ୍ୟାଦିକୁ ନେଇ ବ୍ୟସ୍ତ ରହୁଥିବା ବେଳେ ବୋଉ ଏକୁଟିଆ ହୋଇ ଯାଉଥିଲା। ମନଖୋଲି କଥା ହେବାକୁ କେହି ନଥିଲେ ପାଖରେ। ଗୋଟେ ଶୂନ୍ୟ ଓ ନିଃସଙ୍ଗ ଜୀବନର ଖାଁ ଖାଁ ଖରାବେଳ ତାକୁ ଗାଁ ମନସ୍କ କରାଇ ଦେଇଥିଲା। ଥରେ ବିବେକକୁ କହିଥିଲା -'ମୋତେ ଗାଁରେ ଛାଡି ଦେଇ ଆ। ଗାଁ ଘର, ଜମିବାଡି ସବୁ ଛିନଛତର ହବଣି।' ବିବେକ 'ହଁ' ତ କହୁଥିଲା କିନ୍ତୁ ତା ପାଇଁ ସମୟ ବାହାର କରୁନଥିଲା। ଦିନେ ବାଧ କରିବାରୁ ଜଣେ ଗାଁ ପାଖ ଲୋକ ସହିତ ପଠାଇଦେବାକୁ ଜିଦ୍ କଲା ଅରୁଣା। ଫେରିଲା ବେଳେ ବୋଉ ଖୋଜିଥିଲା ଆଦୌ ଖୋଲା ହୋଇ ନଥିବା ତା ପେଟରାକୁ। ମିଳୁ ନଥିଲା। ବହୁତ ଖୋଜାଖୋଜି କରିବା ପରେ ଅରୁଣା ମନେ ପକେଇ କହିଥିଲା ସେଟାକୁ ସେ ଡଷ୍ଟବିନରେ ଫୋପାଡି ଦେଇଛି କେଇ ଦିନ ଆଗରୁ। ଛାତି ଫାଟି ଯାଉଥିଲେ ବି ବୋଉ ଲୁହ ଦି' ଧାରରେ ସୀମିତ ରଖିଥିଲା ତା ଦୁଃଖକୁ , ଆଉ ବାଙ୍ଗାଲୋର ଛାଡିଥିଲା। ସ୍ୱାମୀ ହେବାର ଦାୟରେ ବିବେକ ସେତେବେଳେ ପୁଅର ଦାୟିତ୍ୱ ଠୁ ଦୂରେଇ ଯାଇଥିଲା।

ଅରୁଣା ସ୍ୱରରେ ବିବେକ ପ୍ରକୃତିସ୍ଥ ହେଲା। - 'ତୁମେ ହସ୍ପିଟାଲରେ ଅବଚେତନ ଅବସ୍ଥାରେ କେବଳ 'ବୋଉ' ନାଁକୁ ବାରମ୍ବାର ନେଉଥିଲ। ମୁଁ ଜାଣେ ତୁମଠୁ ବୋଉଙ୍କୁ ଦୂରେଇ ଦେଇ, ମୁଁ ଅକ୍ଷମଣୀୟ ଅପରାଧ କରିଛି। ବୋଉଙ୍କୁ ଫୋନରେ ସବୁକଥା ଜଣାଇଲା ପରେ କାହାକୁ ସାଥିରେ ନଆଣି ବୋଉ ଟ୍ରେନରେ ବାଙ୍ଗାଲୋର ପଳେଇ ଆସିଲେ। ମୁଁ ଯାଇ ଷ୍ଟେସନରୁ ନେଇ ଆସିଲି। ତା' ପୂର୍ବରୁ ଷ୍ଟୋର ରୁମକୁ ମୁଁ ଠାକୁରଘରରେ ପରିଣତ କରିଦେଇଥିଲି। ତାଙ୍କରି ପୂଜା ପ୍ରାର୍ଥନା ହିଁ ଆମର ଏକମାତ୍ର ସମ୍ବଳ ବୋଲି ମୁଁ ବିବେଚନା କରୁଛି ଏବେ। ଜାଣିଛ ! ଡାକ୍ତର ଆଶା ଛାଡି ଦେଇଥିଲା ବେଳେ ବୋଉଙ୍କ ଛୁଆଁରେ ତୁମର ଚେତା ଫେରିଥିଲା। ବୋଉ ତୁମ ମଥାରେ ହାତ ଥାପିଲେ ତ ତୁମର ହାତ ଗୋଡ ଚଳତଶକ୍ତି ପାଇଲା। ଆମ ସଂସାର ଉଚ୍ଛନ୍ନ ହେବାରୁ ବଞ୍ଚିଗଲା। ତାଙ୍କରି ପାଇଁ ତୁମେ ରହିଛ ସୁରକ୍ଷିତ ! ଅପ୍ରତିହତ। ଅଖଣ୍ଡ ଦୀପଟିଏ ବୋଉ ତୁମ ପାଇଁ ଜଳେଇ ରଖିଛନ୍ତି ଆସିବା ଦିନରୁ। ବୋଉ ଆମ ପାଇଁ ଜୀବନ୍ତ ଠାକୁର। ଶୁଭ ସେଥିପାଇଁ ବୋଉଙ୍କୁ ଠାକୁ ମା' ବୋଲି ଡାକୁଛି। ' କଥା ବନ୍ଦ କରି ଅରୁଣା ଆଖିରୁ ଲୁହ ପୋଛିଲା।

ଠାକୁର ଘରୁ ବୋଉ ସହିତ ସ୍ୱର ମିଶାଇ ଶୁଭର ପ୍ରାର୍ଥନା କାନରେ ବାଜିଲା ଠିକ୍ ଏତିକି ବେଳକୁ। ଏକ ଦିବ୍ୟଧାରାରେ ସତେକି ଅବଗାହନ କରୁଥିଲା ବିବେକ...!!

+ ଆଳି, କେନ୍ଦ୍ରାପଡା

# ଶୀତ: ଦୁଇଟି ସ୍କେଚ୍

ସୁଦର୍ଶନ ମହାପାତ୍ର

(୧)

ଫି ବର୍ଷ ତ ଶୀତ ଆସେ। ହେଲେ ଏଥର ଶୀତ ଆସିଛି ବୋଧହୁଏ ମାହେନ୍ଦ୍ର ବେଳା ଦେଖି। ଶୀତକୁ ଦୃଷ୍ଟିରେ ରଖି ଗରିବ ମାନଙ୍କୁ ଶୀତବସ୍ତ୍ର ଯୋଗେଇ ଦେବାକୁ ସରକାର ଘୋଷଣା କଲେ। ଏଥିପାଇଁ ତତ୍ପର ହୋଇ ଉଠିଲେ ପ୍ରଶାସନ। ତତ୍ପର ବି ହୋଇ ଉଠିଲେ ଛୋଟ ବଡ ସବୁ ନେତାଗଣ। ସମସ୍ତଙ୍କ ମନରେ ସୃଷ୍ଟି ହେଲା ଚାପା ଗୁଞ୍ଜରଣ। କାଳେ ଆଉ କେଉଁ ଦଳ ଆଗତୁରା ବାଣ୍ଟି ଦେଇପାରେ କମ୍ବଳ, ଚାଦର ! ସତକୁ ସତ ଖବର କାଗଜ ମାନଙ୍କରେ ଛାଇ ହୋଇଗଲା ନେତାଙ୍କ ଫଟୋଚିତ୍ର ସହ ପ୍ରସଙ୍ଗ 'ଗରିବଙ୍କୁ ଶ

# ୧୫ରେ କଂଗ୍ରେସର ନବରଙ୍ଗପୁର ସମାବେଶ

ଭୁବନେଶ୍ୱର,୧୩/୨ (ନି.ପ୍ର): ନିକଟରେ କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଞ୍ଜାବ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦବୀ ନିମନ୍ତେ ଚରଣଜିତ ସିଂ ଚନିଙ୍କ ନାମ ଘୋଷଣା କରି ଦଳିତବର୍ଗ ପ୍ରତି ଥିବା କଂଗ୍ରେସର ଆଭିମୁଖ୍ୟକୁ ସ୍ୱଷ୍ଟ କରିଛନ୍ତି । ସେଥିନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏହି ଘୋଷଣାକୁ ସ୍ୱାଗତ କରାଯାଇ ଶ୍ରୀ ଗାନ୍ଧୀଙ୍କୁ ଧନ୍ୟବାଦ ଦିଆଯାଇଛି । ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିଷ୍ପତିକ୍ରମେ ଏହି ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପଂହଚାଇବାପାଇଁ ଆସନ୍ତା ୧୫ ତାରିଖରେ ନବରଙ୍ଗପୁର ଠାରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ଜନଜାତି ବିଭାଗ ଅଧ୍ୟକ୍ଷ ଭୁଜବଳ ମାଝୀ, ପଛୁଆବର୍ଗ ବିଭାଗ ଅଧ୍ୟକ୍ଷ ଜ୍ଞାନଦେବ ବେଉରା, ଓ ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ସେକ୍ ଜିଆଉଲ ହକଙ୍କ ତତ୍ତ୍ୱାବଧାନରେ ଏକ ସମାବେଶ ଅନୁଷ୍ଠିତ ହେବ।

ବିଜେପି ଓ ବିଜେଡ଼ି ଶାସନରେ ଅନୁସୂଚୀତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କ ବିକାଶ ଓ ସୁରକ୍ଷାକୁ ଉପେକ୍ଷା କରାଯାଉଛି । ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଉପରୋକ୍ତ ବର୍ଗର ଜନସାଧାରଣଙ୍କୁ କେତେ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବ ସେ ସଂପର୍କରେ କେନ୍ଦ୍ର ସରକାରଙ୍କ ତରଫରୁ ଦାୟର ହୋଇଥିବା କେସକୁ ଭାରତର ସର୍ବୋଚ୍ଚ ନ୍ୟାୟଳୟ ଏହାର ଅସଂଗତିକୁ ହୃଦୟଙ୍ଗମ କରି ଏ ସଂପର୍କରେ କୌଣସି ବାଛବିଚାର ନକରିବାକୁ ରାୟ ପ୍ରକାଶ କରିଥିଲେ । ସେଥିପାଇଁ ଏହି ରାୟକୁ ପିସିସି ଅନୁସୂଚୀତ ଜାତି ବିଭାଗ ପକ୍ଷରୁ ସ୍ୱାଗତ କରିବା ସହିତ ଉଚ୍ଚତମ୍ୟ ନ୍ୟାୟଳୟଙ୍କୁ ଧନ୍ୟବାଦ ଦିଆଯାଇଛି ଏବଂ ଏହି ରାୟକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବାଙ୍କନିଧି ବେହେରା, ଜ୍ଞାନଦେବ ବେଉରା, ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ମୁଖପାତ୍ର ଅମିୟ ପାଣ୍ଡବ, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୩/୨ (ନି.ପ୍ର): ଆଗାମୀ ପଂଚାୟତ ନିର୍ବାଚନ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଜିଲ୍ଲାପାଳମାନଙ୍କ ସହ ଡିଜିଟାଲ ବୈଠକ କରିଛନ୍ତି। ବୈଠକ ପରେ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଭୋଟ ପ୍ରଚାର ସାରିବା ପରେ୧୪ ତାରିଖ ସନ୍ଧ୍ୟା ସୁଦ୍ଧା ସମସ୍ତ ବାହାର ଅଂଚଳର ଲୋକ ନିର୍ବାଚନ ହେଉଥିବା ଅଂଚଳ ଖାଲି କରିବା ପାଇଁ ନିର୍ଦ୍ଦେଶ ରହିଛି। ପ୍ରଥମ ପର୍ଯ୍ୟାୟ ଭୋଟ ୩୦ଟି ଜିଲ୍ଲାର ୭୧ଟି ବ୍ଲକରେ ୨୦୦ ଜିଲ୍ଲା ପରିଷଦ, ୧୬୬୯ ସରପଂଚ, ୧୬୬୯ ସମିତି ସଭ୍ୟ, ୨୨ ହଜାର ୩୭୯ ୱାର୍ଡମେମ୍ବର ପାଇଁ ହେବ ଭୋଟ ଗ୍ରହଣ ହେବ। ୬୬ ଲକ୍ଷ ୫୧ହଜାର ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ।

ପୋଲିଂ ଅଧିକାରୀମାନେ ୧୪ ତାରିଖ ଓ ୧୫ ତାରିଖ ଯିବେ। କେତେ ସମ୍ବେଦନଶୀଳ ବୁଥ ରହିଛି ଓ ଏହାର ଚିହ୍ନଟ ଚାଲିଛି। ସେହିସବୁ ବୁଥରେ ଅଧିକ ପୋଲିସ ରହିବେ ଓ ଭିଡିଓଗ୍ରାଫି କରାଯିବ। ଷ୍ଟ୍ରଙ୍ଗ ରୁମରେ ସିସିଟିଭି ରଖାଯିବ। ଯେଉଁ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆସିଛି, ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉଛି। ପୌରାଂଚଳ ପାଇଁ ଡ୍ରାଫ୍ଟ ପବ୍ଲିସ ହୋଇଛି। ରାଜନୈତିକ ଦଳଙ୍କୁ ବି ପ୍ରଦାନ କରାଯାଇଛି। ପ୍ରଥମ ଥର ପାଇଁ ଇଭିଏମ୍ ରେ ନୋଟା ରହିବ। ପ୍ରଥମ ଥର ପାଇଁ ମେୟର ଓ ଚେୟାରମ୍ୟାନ ନିର୍ବାଚନ ସିଧାସଳଖ ହେବ। ଗୋଟେ ବୁଥରେ ଦୁଇଟି ଇଭିଏମ ରହିବ। ଇଭିଏମ ଉପରେ କାଉନସିଲର ଓ କର୍ପୋରେଟରଙ୍କ ପାଇଁ ପିଙ୍କ, ମେୟର ଓ ଅଧ୍ୟକ୍ଷଙ୍କ ପାଇଁ ହଳଦିଆ ରଙ୍ଗର ବ୍ୟାଲଟ ପେପର ରହିବ।

# ପୁରୀ ଓ କଟକର ବିଭିନ୍ନ ସ୍ଥାନରେ ବିଜେପି ସଭାପତିଙ୍କ ପଂଚାୟତ ନିର୍ବାଚନୀ ପ୍ରଚାର

## ଆର୍ଥିକ ଦୁର୍ବଳ ଓ ଗରୀବ ଲୋକଙ୍କୁ ବାସହୀନ କରି ରଖିବା ବିଜେଡିର ଜନବିରୋଧୀ ମାନସିକତାକୁ ସ୍ୱଷ୍ଟ କରିଛି : ସମୀର ମହାନ୍ତି

ଭୁବନେଶ୍ୱର,୧୩/୨ (ନି.ପ୍ର): ୨୦୧୯ ଫନୀ ବାତ୍ୟାର ୨୪ ଘଂଟା ଭିତରେ ମୋଦି ସରକାର କେନ୍ଦ୍ରରୁ କ୍ଷତିଗ୍ରସ୍ତ ବାସହୀନଙ୍କ ଘର ନିର୍ମାଣ ବାବଦରେ ହଜାର ହଜାର କୋଟି ଟଙ୍କା ପଠାଇଥିଲେ, ଯାହାକୁ ପ୍ରକୃତ ଗରୀବ ବାସହୀନଙ୍କ ପାଖକୁ ଆଜି ପର୍ଯ୍ୟନ୍ତ ପହଂଚି ପାରିଲା ନାହିଁ । ଆଜି ବି ଗରୀବ ଓ ନିଃସହାୟ ଲୋକମାନେ ଭଙ୍ଗା ଘରେ, ଛାତ ବିହୀନ ଘରେ ବାସ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଅନୁମୋଦନ ସତ୍ତ୍ୱେ ଲକ୍ଷ ଲକ୍ଷ ଘର ଆବଂଟନ ହୋଇନପାରି ରାଜ୍ୟ ସରକାରଙ୍କ ପାଖରେ ପଡିରହିଛି । 'ପିସି ଷ୍ଟପ୍' ର ବାହାଷ୍ଫୋଟ ମାରୁଥିବା ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ବର୍ତମାନ ପିସି ପ୍ରତିଶତ ୩୦ ରୁ ୪୦ କୁ ବୃଦ୍ଧି ପାଇଛି । ଦଳୀୟ ଆଧାରରେ ବାସଗୃହ ବଂଟନ କରି ରାଜ୍ୟର ଅଗଣିତ ଆର୍ଥିକ ଦୁର୍ବଳ ଓ ଗରୀବ ଲୋକଙ୍କୁ ବାସହୀନ କରି ରଖିବା ଶାସକ ବିଜେଡିର ଜନବିରୋଧୀ ମାନସିକତାକୁ ସ୍ୱଷ୍ଟ କରିଛି । ଏହା ଅତ୍ୟନ୍ତ ଦୁର୍ଭଗ୍ୟଜନକ ଏବଂ ରାଜ୍ୟରେ ବାସଗୃହ ଆବଂଟନ ଦାୟୀତ୍ୱରେ ଥିବା ଶାସକ ବିଜୁ ଜନତା ଦଳ ପାଇଁ ଏହା ବଡ ଲଜ୍ଜାର ବିଷୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଚଳିତ ପଂଚାୟତ ନିର୍ବାଚନ ପ୍ରଚାର ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ପୁରୀ ଜିଲ୍ଲା ସତ୍ୟବାଦୀ କଣାସ ଜୋନ-୪ ର ପାଣ୍ଡିଆକେରା, ବଡପୁଟ, ସାନପୁଟ ଦୋକନ୍ଦା, ନାନେକେରା, ବଡାସ, ଛୋଡିଯୋଡି ଆଦି ବିଭିନ୍ନ ଗ୍ରାମ ଗସ୍ତ କରି ଦଳୀୟ ପ୍ରାର୍ଥୀ ସୌମ୍ୟ ରଂଜନ ବଳିଆରସିଂହ ସପକ୍ଷରେ ଭୋଟ ନିବେଦନ କରିଛନ୍ତି । ଏହି ଅବସରରେ ବରିଷ୍ଠ ନେତା କୃଷ୍ଣ ଜଗଦ୍ଦେବ, ରାଜ୍ୟ ମୁଖପାତ୍ର ରମାରଂଜନ ବଳିୟାରସିଂହ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମପ୍ରକାଶ ମିଶ୍ର ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ସେହିପରି ଅପରାହ୍ନରେ କଟକ ସଦର ନିର୍ବାଚନମଣ୍ଡଳୀର ଜୋନ-୪ ରେ ଦଳୀୟ ପ୍ରାର୍ଥିନୀ ସୁଜାତା ଦାସଙ୍କ ସପକ୍ଷରେ ସଇଣ୍ଡା, ନଛିପୁର, ଖଣ୍ଡେଇତା, ଶଙ୍ଗତ୍ରାସ ଗ୍ରାମ ଏବଂ ଜୋନ-୬ ରେ ଦଳୀୟ ପ୍ରାର୍ଥିନୀ ମଧୁସ୍ମିତା ସାସମଲଙ୍କ ସପକ୍ଷରେ ବୋଲିଶମୌଜା ଅଂଚଳର କୁଳସଂକୁଚୁଆଁ, କଳପଡା, ବେଂଟପୁର ଗ୍ରାମରେ ବାଇକଯାତ୍ରା ଓ ପଦଯାତ୍ରା କରି ଭୋଟ ନିବେଦନ କରିଥିଲେ । ଏହି ଅବସରରେ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ଦୀର୍ଘ ୨୨ ବର୍ଷ ଧରି ନିରୁଙ୍କଶ ଭାବେ ରାଜ୍ୟ ଶାସନ କ୍ଷମତାରେ ଥିବା ଶାସକ ବିଜେଡି, ମୋଦି ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାକୁ କପି କରି ନିଜ ନାମରେ ବ୍ରାଣ୍ଡିଂ କରିବା ବ୍ୟତୀତ ଆଉ କିଛି କରିନାହାନ୍ତି । ବର୍ତମାନ ମଧ୍ୟ ଗ୍ରାମଂଚଳର ରାସ୍ତାକୁ ସଜାଡି ପାରିଲେ ନାହିଁ। କେନ୍ଦ୍ର ସରକାରଙ୍କୁ ସଠିକ ହିତାଧିକାରୀ ତାଲିକା ନପଠାଇ ପିଏମ କିଷାନ ଯୋଜନାର ସୁଲାଭରୁ ଚାଷୀ ଭାଇଭଉଣୀମାନଙ୍କୁ ବଂଚିତ ରଖାଯିବା ପଛରେ ଉଦ୍ଦେଶ୍ୟ କଣ ? ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନମଣ୍ଡି ବ୍ୟବସ୍ଥା କାରଣରୁ ଚାଷୀ ଆଜି ତାର କଷ୍ଟ ଉପାର୍ଜିତ ଶସ୍ୟକୁ ସଠିକ ମୂଲ୍ୟରେ ବିକ୍ରି କରିନପାରି ହନ୍ତସନ୍ତ ହେଉଛି । ସେହିପରି ୧୪ଦଶ ଓ ୧୫ ଦଶ ଅର୍ଥ କମିଶନରେ ଗ୍ରାମାଂଚଳର ବିକାଶ ପାଇଁ ବ୍ୟାପକ ମାତ୍ରରେ ଆର୍ଥିକ ଅନୁଦାନ ମୋଦି ସରକାର ସିଧାସଳଖ ଭାବେ ପଂଚାୟତକୁ ପଠାଇଲେ । ଏହି ଅର୍ଥରେ ଲୋକମାନଙ୍କ ଜୀବନ ଧରଣମାନର ଉନ୍ନତି ହେବା ପରିବର୍ତେ କୌଣସି ପରିବର୍ତନ ଲକ୍ଷ୍ୟ ହେଉନାହିଁ । ଏହି ଅର୍ଥକୁ କିଛି ମୁଷ୍ଟିମେୟ ସରକାରୀ ଅଧିକାରୀଙ୍କ ସହାୟତାରେ ଶାସକ ବିଜେଡିର ମନ୍ତ୍ରୀ ଓ ନେତାମାନେ ହରିଲୁଟ୍ କରି ବିକାଶର ବାଧକ ସାଜିଲେ । ରାଜ୍ୟ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତି ଅଭାବ କାରଣରୁ ଗ୍ରାମାଂଚଳର ବିକାଶ ହୋଇପାରୁନାହିଁ । ରାଜ୍ୟର ଗ୍ରାମଂଚଳର ବିକାଶ ପାଇଁ ମୋଦି ସରକାର ପଠାଉଥିବା ଟଙ୍କାକୁ ଶତପ୍ରତିଶତ ଖର୍ଚ୍ଚ କରି ଜୀବନ ଧାରଣମାନ ଉନ୍ନତି ଆଣିବାକୁ ହେଲେ ସୁଦୃଢ ଜିଲ୍ଲା ପରିଷଦ ନେତୃତ୍ୱର ଆବଶ୍ୟକତା ରହିଛି । ଭାରତୀୟ ଜନତା ପାର୍ଟିକୁ ନେଇ ଲୋକମାନଙ୍କର ଯେଉଁ ସ୍ନେହଶ୍ରଦ୍ଧା ପ୍ରକାଶ ପାଇଛି ତାହା ଏଥର ପଂଚାୟତ ନିର୍ବାଚନରେ ଭୋଟରେ ରୁପାନ୍ତରିତ ହୋଇ ବିଜୟ ସୁନିଶ୍ଚିତ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ବିଧାନ ପରିଷଦ ସଂକଳ୍ପ ସମ୍ପର୍କରେ କେନ୍ଦ୍ରକୁ ଚିଠି ଲେଖିବେ ବାଚସ୍ପତି

ଭୁବନେଶ୍ୱର,୧୩/୨ (ନି.ପ୍ର): ବିଧାନ ପରିଷଦ ସଂକଳ୍ପ ସମ୍ପର୍କରେ କେନ୍ଦ୍ରକୁ ଚିଠି ଲେଖିବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର । ସୋମବାର ଏ ନେଇ ୨ଟି ଚିଠି ଲେଖାଯିବ କହିଛନ୍ତି ବାଚସ୍ପତି । ଗୋଟିଏ ଚିଠି ବିଧାନସଭା ପକ୍ଷରୁ ସଂସଦକୁ ଲେଖାଯିବ।୨୦୧୮ରେ ଲେଖାଯାଇଥିବା ଚିଠିକୁ ମଧ୍ୟ ସଂଲଗ୍ନ କରାଯିବ। ଅନ୍ୟଟି ବ୍ୟକ୍ତିଗତ ଭାବେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିବେ।କେଉଁ ଅଧିକାରୀ ଭୁଲ ତଥ୍ୟ ଦେଲେ ତାର ତଦନ୍ତ ପାଇଁ ଚିଠିରେ ଲେଖାଯିବ। ୨୦୧୮ରେ ବିଧାନସଭାରେ ସର୍ବସମ୍ମତିକ୍ରମେ ପାରିତ ବିଧାନ ପରିଷଦ ସଂକଳ୍ପ ରାଜ୍ୟ ସରକାର କେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ମନ୍ତ୍ରୀଙ୍କୁ ଆଇନ ବିଭାଗ କାହିଁକି ଭୁଲ ତଥ୍ୟ ଦେଇଛି, ସେକଥା ଚିଠିରେ ଉଲ୍ଲେଖ କରିବେ ବାଚସ୍ପତି । ଏନେଇ ତଦନ୍ତ ପାଇଁ ବାଚସ୍ପତି ଚିଠି ଲେଖିବେ।

ବିଧାନ ପରିଷଦ ଗଠନ ପାଇଁ ଓଡ଼ିଶା ସରକାରଙ୍କଠାରୁ ପ୍ରସ୍ତାବ ଆସିନଥିବା ରାଜ୍ୟସଭାରେ ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ଲିଖିତ ପ୍ରଶ୍ନର ଉତରରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରଣ ରିଜିଜୁ କହିଥିଲେ । କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ଏହି ବୟାନ ଦୁଃଖ ଓ ଆଶ୍ଚର୍ଯ୍ୟର ବିଷୟ ବୋଲି ବାଚସ୍ପତି କହିଥିଲେ। ୨୦୧୮ ସେପ୍ଟେମ୍ବର ୬ରେ ସଂକଳ୍ପ ବିଧାନସଭାରେ ପାରିତ ହୋଇଥିଲା । ସେପ୍ଟେମ୍ବର ୨୦୧୮ରେ କେନ୍ଦ୍ରକୁ ଚିଠି ପଠାଯାଇଥିଲା। ଲୋକସଭା, ରାଜ୍ୟସଭା, ସଂସଦୀୟ ବ୍ୟାପାର ଓ ଆଇନ ସଚିବଙ୍କୁ ଏନେଇ ଚିଠି ପଠାଯାଇଥିଲା । ପୁଣିଥରେ ୨ଟି ଚିଠି ଲେଖି ସମସ୍ତ କଥା ଅବଗତ କରାଯିବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ।

# ଦିଆସିଲି କାଠିରେ ରେଡିଓ

ଭୁବନେଶ୍ୱର,୧୩/୨ (ନି.ପ୍ର): ବିଶ୍ୱ ରେଡିଓ ଦିବସର ଅବ୍ୟବହିତ ପୂର୍ବରୁ ଶିଳ୍ପୀ ଶାଶ୍ୱତ ରଂଜନ ସାହୁ ଦିଆସିଲି କାଠିରେ ରେଡିଓର ମଡେଲ ନିର୍ମାଣ କରିଛନ୍ତି। ଶାଶ୍ୱତ ମୋଟ ୧୧୦୦ ଟି ଦିଆସିଲି କାଠିରେ ପାନାସୋନିକ ରେଡିଓର ଆରଏଫ୍-୫୬୨ଡିଡି ମଡେଲ ନିର୍ମାଣ କରିଛନ୍ତି। ୮ ଇଂଚ ଉଚ୍ଚ ଓ ୧୩ ଇଂଚ ଚଉଡା ଏହି ରେଡିଓକୁ ତିଆରି କରିବାକୁ ତାଙ୍କୁ ୩ ଦିନ ସମୟ ଲାଗିଛି। ପ୍ରତିବର୍ଷ ଫେବୃଆରୀ ୧୩ ତାରିଖରେ ବିଶ୍ୱ ରେଡିଓ ଦିବସ ପାଳନ କରାଯାଇଥାଏ। କାଳକ୍ରମେ ରେଡିଓର ବ୍ୟବହାର ହ୍ରାସ ପାଇଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଦେଶରେ ଏହାର ଗୁରୁତ୍ୱ ବୃଦ୍ଧି କରିପାରିଛି। ରେଡିଓର ମଡେଲ ନିର୍ମାଣ କରି ଜନସାଧାରଣଙ୍କୁ ରେଡିଓ ଶୁଣିବାକୁ ଅନୁରୋଧ କରିଛନ୍ତି ଯୁବଶିଳ୍ପୀ ଶାଶ୍ୱତ। ପୁରୀ କୁମ୍ଭାରପଡାର ସୁଦର୍ଶନ ସାହୁଙ୍କ ପୁଅ ଶାଶ୍ୱତ ପୂର୍ବରୁ ଆର୍ମି ଦିବସରେ ଦିଆସିଲି କାଠିରେ ଆର୍ମି ଟ୍ୟାଙ୍କ୍ , ଜଗନ୍ନାଥଙ୍କ ରଥ , ଗଣେଶ , ହକି ବିଶ୍ୱକପ୍ ଟ୍ରଫି ଆଦି କଳାକୃତି ନିର୍ମାଣ କରିସାରିଛନ୍ତି।

# କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଯୋଗେନ୍ଦ୍ରନାଥ ତ୍ରିପାଠୀଙ୍କ ସ୍ମୃତିସଭା

ଭୁବନେଶ୍ୱର,୧୩/୨ (ନି.ପ୍ର): ବିଶିଷ୍ଟ ସମାଜବାଦୀ ନେତା, ଶ୍ରମିକ ନେତା, କେନ୍ଦୁପତ୍ର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ, ହିନ୍ଦ୍ ମଜଦୁର ସଭାର ସାଧାରଣ ସମ୍ପାଦକ, ଓଡ଼ିଶା ମେଡ଼ିକାଲ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି, ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ପ୍ରଥମ ଅଧ୍ୟକ୍ଷ ଓ ବିହନ ନିଗମର ପୂର୍ବତନ ଅଧ୍ୟକ୍ଷ ସାଥୀ ଯୋଗେନ୍ଦ୍ରନାଥ ତ୍ରିପାଠୀଙ୍କ ବିୟୋଗରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ତରଫରୁ ସ୍ଥାନୀୟ ଲୋହିଆ ଏକାଡ଼େମୀଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ଏଚ୍ଏମ୍ଏସ୍ର ସଭାପତି କୃଷ୍ଣଚନ୍ଦ୍ର ପାତ୍ର ସଭାପତିତ୍ୱ କରି କହିଲେ ଯେ, ଯୋଗେନ୍ଦ୍ର ତ୍ରିପାଠୀ ଛାତ୍ର ଜୀବନରୁ ସମାଜବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଶ୍ୱନାଥ ପଣ୍ଡିତଙ୍କ ଆଦର୍ଶରେ ତାଙ୍କର କାର୍ଯ୍ୟ ମେହେନ୍ତର ମାନଙ୍କର ଅଧିକାର ପାଇଁ ଲଢେଇ କରି ଆଜି ସମାଜରେ ଜଣେ ଦରଦୀ ବନ୍ଧୁ ଭାବରେ ଖ୍ୟାତି ଅର୍ଜନ କରିଥିଲେ।

ପୂର୍ବତନ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଶ୍ରଦ୍ଧାସୁମନ କରି କହିଲେ ଯେ, ଯୋଗୀବାବୁ ଛାତ୍ର ଜୀବନରୁ ଶେଷ ସମୟ ପର୍ଯ୍ୟନ୍ତ ସମାଜର ଅବହେଳିତ ଲୋକମାନଙ୍କ ଲାଗି କାମ କରିଥିଲେ ଓ ତାଙ୍କର କାର୍ଯ୍ୟ ତାଙ୍କୁ ସମାଜରେ ସବୁଦିନ ପାଇଁ ଅମର ରଖିବ। ସିଟୁର ନେତା ଜନାର୍ଦ୍ଦନ ପତି କହିଲେ ଯେ, ଦେଶ ଆଜି ଯେଉଁ ସଙ୍କଟ ଦେଇ ଗତି କରୁଛି, ଯୋଗୀବାବୁଙ୍କ ପରି ଟାଣୁଆ ଶ୍ରମିକନେତାଙ୍କ ବିୟୋଗ ଆମ ଲାଗି ଏକ ଶୂନ୍ୟସ୍ଥାନ ସଦୃଶ ହୋଇଛି । ଏଆଇଟିୟୁସିର ନେତା ରାମକୃଷ୍ଣ ପଣ୍ଡା କହିଲେ ଯେ, ଦେଶରେ ଯେଭଳି ଭାବରେ କୃଷକ ଓ ଶ୍ରମିକମାନଙ୍କ ଉପରେ ଦମନ ଚାଲିଛି, ସେ ସମୟରେ ଯୋଗୀବାବୁ ଆମକୁ ଛାଡ଼ି ଚାଲିଯିବା ଏକ ଦୁଃଖକ ଘଟଣା। ଏଆଇୟୁଟିୟୁସିର ଜୟସେନ ମେହେର କହିଲେ ଯେ, ଯୋଗୀବାବୁଙ୍କ ସଂଗ୍ରାମ ତାଙ୍କୁ ଅମର ରଖିବା ଅନ୍ୟମାନଙ୍କ ମଧ୍ୟରେ ଆଇସିସିଟିୟୁର ନେତା ମହେନ୍ଦ୍ର ପରିଡ,ଏଲ୍ପିଏଫ୍ର ନେତା ମନୋରଞ୍ଜନ ମହାରଣା . ଆଇଏନ୍ଟିୟୁସିର ନେତ୍ରୀ ପ୍ରଣତୀ ମିଶ୍ର , ବିଶିଷ୍ଟ ଶ୍ରମିକ ତଥା ଏଚ୍ଏମ୍ଏସ୍ର ବରିଷ୍ଠ ନେତା ପଂଚାନନ ସେନାପତି , ସଂଯୁକ୍ତା ମହଲ, ରାଜେନ୍ଦ୍ର ଦାସ, ପ୍ରଭାସ ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଶ୍ରଦ୍ଧାସୁମନ ଜଣାଇଥିଲେ।

# ପ୍ରଥମ ନିର୍ବାଚନ କମିଶନରଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର,୧୩/୨ (ନି.ପ୍ର): ରାଜ୍ୟର ପ୍ରଥମ ନିର୍ବାଚନ କମିଶନର ଦେବେନ୍ଦ୍ର କୁମାର ମିଶ୍ରଙ୍କ ବିୟୋଗରେ ଆଜି ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୪ ମସିହାରେ ରାଜ୍ୟ ନିର୍ବାଚନ ଆୟୋଗ ଗଠନ କରାଯାଇଥିଲା ଓ ଦେବେନ୍ଦ୍ର କୁମାର ମିଶ୍ରଙ୍କୁ ପ୍ରଥମ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରାଯାଇଥିଲା। ସାମ୍ବିଧାନିକ ବିଧିବ୍ୟବସ୍ଥା ସହ ନିର୍ବାଚନ ଆୟୋଗ ପାଇଁ ସ୍ୱର୍ଗତ ମିଶ୍ର ନିର୍ବାଚନ ପରିଚାଳନା ନିମନ୍ତେ ଅନେକ ନିୟମକାନୁନ୍ ତିଆରି କରିବା ସହ ନିର୍ବାଚନ ଆୟୋଗର ଭିତିଭୂମି ସୁଦୃଢ଼ କରିବା ଦିଗରେ ବ୍ୟାପକ କାର୍ଯ୍ୟ କରିଥିଲେ।

ଏହି ଅବସରରେ ନିର୍ବାଚନ ଆୟୋଗ ତରଫରୁ ଏକ ଶୋକସଭା ଆୟୋଜନ କରାଯାଇ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ନିର୍ବାଚନ ଆୟୋଗର ସଚିବ ରବିନ୍ଦ୍ରନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟାର, ଉପସଚିବ ଆଜାଦ୍‌ହିନ୍ଦ୍ ପାଣିଗ୍ରାହୀ, ଆଇନ୍ ଅଧିକାରୀ ମାଧୁରୀ ମିଶ୍ରଙ୍କ ସମେତ ଆୟୋଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭୁବନେଶ୍ୱର ୨୯ ନଂ ଜୋନରେ କଂଗ୍ରେସର ମାରାଥନ ପ୍ରଚାର

ଭୁବନେଶ୍ୱର,୧୩/୨ (ନି.ପ୍ର): ଆଜି ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ୨୯ ନଂ 

# ବିପିନ ବିହାରୀ ବିଶ୍ୱାଳଙ୍କ ୭୮ତମ ଜନ୍ମଜୟନ୍ତୀ ପାଳିତ

## ସୁସ୍ଥ ସମାଜ ଗଠନ ଓ ମୂଲ୍ୟବୋଧ ଭିତ୍ତିକ ସାହିତ୍ୟକୃତି ଲାଗି ଅଙ୍ଗିକାରବଦ୍ଧତା ଆବଶ୍ୟକ

ଜଳେଶ୍ୱର, ୧୩/୦୨(ନିପ୍ର) : ସରସ୍ୱତ ସାଧକ, ଗବେଷକ ତଥା ଦୀନକୃଷ୍ଣ ସ୍ମୃତିପରିଷର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳଙ୍କ ୭୭ ତମ ଜନ୍ମ ଜୟନ୍ତୀ ଆଜି ବିପିନ ବିହାରୀ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ବ୍ଲକ ବଜାରସ୍ଥିତ ତାରୁଣ୍ୟ ମିଳନୀ କକ୍ଷରେ ଆୟୋଜିତ ଏହି ସଭାକୁ ପଶ୍ଚିମବଂଗର କଥାକାର ତଥା କବି ସୁନୀଲ କୁମାର ମାଝୀ ଉଦ୍‌ଘାଟନ କରି ମଣିଷର ବୟସ ନୁହେଁ ତାର କର୍ତ୍ତବ୍ୟ, ନିଷ୍ଠା, ସାଧନ, ନୂତନ ସର୍ଜନା, ତଥା ଚଳଚଞ୍ଚଳତା ହିଁ ତାରୁଣ୍ୟ ବୋଲି ପ୍ରକାଶ କରିଥିଲେ । ସ୍ମୃତି କମିଟିର ଆବାହକ ଡ. ରମାକାନ୍ତ ଭଂଜ ଏଥିରେ ଅଧ୍ୟକ୍ଷତା କରି ସୂଚନା ଓ ସ୍ୱାଗତ ଜଣାଇଥିଲେ । ସାହିତ୍ୟ ଏକାଡେମୀର ସଦସ୍ୟ ଡ. ଅଭୟ ସୂତାର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ତାରୁଣ୍ୟର ପ୍ରଭାବ ହିଁ ସତ୍ୟ-ଶିବ-ସୁନ୍ଦରର ପ୍ରତୀକ ଓ ଓଁକାରର ଧ୍ୱାନୀ ବୋଲି କହିଥିଲେ । ସାହିତ୍ୟକାର ବିପିନ ବିହାରୀ ବିଶ୍ୱାଳଙ୍କ ବ୍ୟକ୍ତିତ୍ୱ, ମାନବିକତା, ଗବେଷଣା, ମାନବିକ ମୂଲ୍ୟବୋଧ, ତ୍ୟାଗ ଓ ଆଦର୍ଶ ଯୋଗୁଁ ଭାଷା ସାହିତ୍ୟ ଓ ସଂସ୍କୃତି ଉପାନ୍ତ ଅଂଚଳରେ କିର୍ତ୍ତୀ ଅର୍ଜନ କରି ଚାଲିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫକୀରମୋହନ ସାହିତ୍ୟ ସଂସଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଶିରିଶ ଚନ୍ଦ୍ର ଜେନା, ଦୟାନିଧି ସାହୁ, ହରିହର ପ୍ରାଣିଗ୍ରାହୀ, ଓଡିଶା ସାହିତ୍ୟ ଏଡାଡେମୀର ଜିଲା ସଦସ୍ୟ ଭରତ ଚନ୍ଦ୍ର ଦାଶ, ଖଇରା ସାହିତ୍ୟ ସଂସଦର ସଭାପତି ମାୟାଧର ନାୟକ, ରେମୁଣା ସାହିତ୍ୟ ସଂସଦର ସଂପାଦକ ଡ. ଭାଗବତ ପ୍ରସାଦ ଦାସ, ଡ. ବିଜୟ ମିଶ୍ର, ଗାଳ୍ପିକ ନିର୍ବାରଣ ଜେନା, କାଳିନ୍ଦୀ ମଲ୍ଲିକ, ପୂର୍ବତନ ଶିକ୍ଷକ ସଂଖ୍ୟ ସଭାପତି ନାରାୟଣ ପ୍ରସାଦ ସାହୁ ଓ ଅଭିନନ୍ଦନ କମିଟି ସଂପାଦକ ବ୍ରଜେନ୍ଦ୍ର ଗିରି, ଡ. କୁଞ୍ଜବିହାରୀ ପାତ୍ର, ସୁକାନ୍ତ ଗିରି ପ୍ରମୁଖ, ସବିତା ପାଠୀ ଓ କଲ୍ୟାଣି ନନ୍ଦ ବକ୍ତବ୍ୟ ରଖିଥିଲେ । ତାରୁଣ୍ୟ-୧୮କୁ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ମିଳିତଭାବେ ଲୋକର୍ପିତ କରିଥିଲେ । ନଳିନୀକାନ୍ତ ମହାପାତ୍ର ଓ ପଣ୍ଡିତ ଗିରିଶ ଚନ୍ଦ୍ର ପାଣିଗ୍ରାହୀ ଗୀତାପାଠ କରିଥିବା ବେଳେ ବ୍ରଜେନ୍ଦ୍ର ଗିରି ଉଦ୍ଦେଶ୍ୟଜ୍ଞାପନ କରିଥିଲେ । କରୋନା କାଳରେ ଦିନକୃଷ୍ଣ ସ୍ମୃତି ସଂସଦ ସହିତ ସଂପୃକ୍ତ ୪୨ଜଣ ପ୍ରଜ୍ଞାପୁରୁଷଙ୍କ ମୃତ୍ୟୁଯୋଗୁଁ କମିଟି ପକ୍ଷରୁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଆଦ୍ୟାସା ପ୍ରିୟଦର୍ଶିନୀ, ସବିତା ସାମନ୍ତ, ଦମୟନ୍ତି ଜେନା, ତାନଶ୍ରୀ ପାଣିଗ୍ରାହୀ, ଜୟନ୍ତୀ ରଣା ଓ ଅନ୍ୟ ବହୁ କବୟତ୍ରୀ ପ୍ରାର୍ଥନା ଓ ବିବିବଶ୍ୱାଳଙ୍କ ଜୀବନୀ ନେଇ ସଂଗୀତ ଗାନ କରିଥିଲେ । ଶ୍ରୀକୁମାର ସଂଯୋଜନା କରିଥିବା ବେଳେ ଯୋଗେଶ ରାଉଳ ଗଣେଶ ପରିଡା, ଅନନ୍ତ ଦାସ, ସନ୍ୟାସୀ ବେହେରା, ଜ୍ୟୋତିଶ ଚନ୍ଦ୍ର କର, ତ୍ରିଲୋଚନ ଗିରି ଓ ଶରତ ଚନ୍ଦ୍ର ପରିଡା ମଂଚ କରିଚାଳନା କରିଥିଲେ । ଡ. ଅଜିତ୍ କୁମାର ମହାନ୍ତି ଧନ୍ୟବାଦ ଅର୍ପୟଣ କରିଥିଲେ । ଓଡିଶା ଓ ପଶ୍ଚିମବଂଗରୁ ଶହ ଶହ ଶୁଭେଚ୍ଛୁ, ବିଶ୍ୱାଳ ପ୍ରେମୀ, ସାହିତ୍ୟକାର, ଗାଳ୍ପିକ, ଲେଖକ, କବି ଏଥିରେ ଯୋଗଦାନ କରିଥିଲେ ।

## ଦିବ୍ୟଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ପ୍ରତେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଆମ ପରିବାର ଆନୁକୂଲ୍ୟରେ ଜଗତ କଲ୍ୟାଣ ନିମନ୍ତେ ଦିବ୍ୟଦୀପ ପ୍ରଜ୍ୱଳନ ହରି ଓଁ ବାବା ଧୁନି ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ବିଶ୍ୱରେ ଆଧ୍ୟାତ୍ମିକ ଜନଚେତନା ଜାଗ୍ରତ କରିବା ଓ ଭଗବତ ଗୀତାର ବାଣୀ କୁ ଘରେ ଘରେ ପହଞ୍ଚାଇବା ଲକ୍ଷ ନେଇ ସାମାଜିକ ଆଧ୍ୟାତ୍ମିକ ସଂଗଠନ 'ଆମ ପରିବାର' ଏହିଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରତେକ ବର୍ଷ ଖଣ୍ଡଗିରି କୁମ୍ଭମେଳା ରେ କରିଥାଏ । ଯଜ୍ଞ, ସମୂହ ଦୀପଦାନ , ଅନ୍ନଦାନ ଓ ବସ୍ତ୍ର ବଣ୍ଟନ ଆଦି କରିଥାଏ । ଆଜି ହରି ଓଁ ବାବା ଧୁନି ମଣ୍ଡପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଗଠନ ର ମୁଖ୍ୟ ବାପୁ ଓଝାଙ୍କ ଉପସ୍ଥିତିରେ ସଂଗଠନର ସଭାପତି ହେମନ୍ତ ସିଂହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବିଶିଷ୍ଟ ସୁବକ୍ତା ତଥା ସାହିତ୍ୟିକ ଡ଼. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ଆଧ୍ୟାତ୍ମିକ କ୍ଷେତ୍ରରେ ମଣିଷମାଙ୍କର କେଉଁଭଳି ଉନ୍ନତି ହୋଇପାରିବ ସେ ଦିଗରେ ଆଲୋକପାତ କରିଥିଲେ । କୋଡିଏ ଜଣ ସାଧୁଙ୍କୁ ଉତ୍ତରୀୟ ଓ ମାତାଜି ମାନଙ୍କୁ ବସ୍ତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏହାସହ ଜଗତ କଲ୍ୟାଣ ନିମନ୍ତେ ଦିବ୍ୟଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସ୍ତମ୍ଭକାର ସୁବୋଧ କୁମାର ସାହୁ , ସମାଜସେବୀ ଶ୍ରୀମତୀ ପୁଷ୍ପଲତା ନାୟକ , ସମାଜସେବୀ ସୁଲତା ସାହାଣୀ, ସମାଜସେବକ ରୋହିତ କୁମାର, ବଂଶୀ ବାଦକ ପ୍ରମୋଦ କୁମାର ପତି ଓ ଅନ୍ୟାନ୍ୟ ସାଧୁସନ୍ଥ , ଜ୍ଞାନୀଗୁଣି ମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ସୁଚାରୁରୂପେ ପରିଚାଳନା କରିଥିଲେ ଆମ ପରିବାରର ମୁଖ୍ୟ ପରିଚାଳକ ସତ୍ୟ ଜେନା ।

## ୨୨ନଂ ଜୋନରେ ପ୍ରଚାର ମଇଦାନରେ ବିଜେଡିର ହେଭିୱେଟ ନେତା

ଲଙ୍ଗଳେଶ୍ୱର, ୧୩/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ୨୨ନଂ ଜିଲ୍ଲା ପରିଷଦ ଜୋନରେ କୁଣ୍ଡୁଳି ଏବଂ ସାଉଡି ପଞ୍ଚାୟତ ବିଜେଡିର ହେଭିୱେଟ ନେତାଙ୍କ ମାରାଥନ ପ୍ରଚାର ସହିତ ବିଶାଳ ବାଇକ ରାଲି ହୋଇଥିଲା ।ଏଇ ରାଲି ରେ ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ଇଂ ରବୀନ୍ଦ୍ର କୁମାର ଜେନା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ଦଳୀୟ ପ୍ରାର୍ଥୀ ନିଶାକର ସେଠି ସମେତ ଦଳ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଜିତେଇବା ପାଇଁ ଆବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ତୁଷାର କାନ୍ତ ବେହେରା, ଜିଲ୍ଲା କୃଷକ ସେଲ ର ସଭାପତି ଅଜୟ ସାମଲ, ଜିଲ୍ଲା ଏସ ସି ସେଲ ର ସଭାପତି ପ୍ରଫେସର ଶତ୍ରୁଘନ ମଲ୍ଲିକ, ଜୟନ୍ତ ଦାସ, ନମିତା ମଲ୍ଲିକ ସମେତ ବହୁ କର୍ମୀ ଯୋଗଦେବା ସହିତ ଶହ ଶହ ଲୋକ ସାମିଲ ହୋଇଥିଲେ ।

## ସୌଭାଗ୍ୟ ନାରାୟଣ ସେନାପତିଙ୍କ ଅକାଳ ବିୟୋଗ : ଶ୍ମଶାନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଜଳେଶ୍ୱର, ୧୩/୨(ନିପ୍ର) : ବାସ୍ତବରେ ମୃତ୍ୟୁ ପରେହିଁ କୌଣସି ବ୍ୟକ୍ତିର ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇଥାଏ । ଆଜି ଦ୍ୱି ପ୍ରହରରେ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱରର ଆମ୍ବଳିଅଠା ବାଇପାସ୍‌ଠାରୁ ଜଣେ ଉଦୀୟମାନ ଯୁବକର ଶବାଧାରକୁ ଶତାଧିକ ବ୍ୟକ୍ତି ଶୋଭାଯାତ୍ରାରେ ନେଲାବେଳେ ଏହା ପ୍ରମାଣିତ ହୋଇଥିଲା । ଆମ୍ବଳିଅଠା ଗାଁର ହରିନାରାୟଣ ସେନାପତିଙ୍କ ଏକମାତ୍ର ପୁଅ ସୌଭାଗ୍ୟ ନାରାୟଣ(୨୩) ଗତ ଶନିବାର ସଂଧ୍ୟାରେ ହଠତ୍ ଅସୁସ୍ଥ ହୋଇ ସଂଜ୍ଞାହୀନଭାବେ ଜଳେଶ୍ୱର ଜିକେ ଭଙ୍ଗର ଡାକ୍ତରଖାନାକୁ ଚିକିତ୍ସାଲାଗି ଅଣାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିବାରୁ ଆଜି ଶବ ବ୍ୟବଚ୍ଛେଦପରେ ଦ୍ୱି ପ୍ରହରରେ ଗାଁକୁ ଅଣାଯାଇଥିଲା । ଦୀର୍ଘ ୨ କି.ମି. ରାସ୍ତା ଏହି ଶୋଭାଯାତ୍ରା ହୋଇଥିବା ବେଳେ ଗାଁର ଲୋକେ ସ୍ତବ୍ଧ ହୋଇଯାଇଥିଲେ । ଗାଁର ଶୋକାକୋଳ ପରିବେଶରେ ଗାଁରେ ଅରନ୍ଧା, ଅବାଜ ପରବେଶ ସୃଷ୍ଟି ହୋଇଥିଲା । ଶତାଧିକ ବ୍ୟକ୍ତି ଶ୍ମଶାନରେ ଉପସ୍ଥିତ ଥିବା ବେଳେ ଷ୍ଟାର କ୍ଲବ ଓ ଗୋପବଂଧୁ କ୍ଲବରେ ସଦସ୍ୟ ଥିବାରୁ ଏହି ଦୁଇ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ହୋଇ ଅଶ୍ରୁବର୍ଷଣ କରିଥିଲେ । ତାଙ୍କ ସମ୍ପର୍କୀୟ ଭାଇ ସବ୍ୟସାଚୀ ସେନାପତି ଗାଁ ଶ୍ମଶାନରେ ମୁଖାଗ୍ନୀ ଦେଇଥିଲେ । ସେ ଜଣେ ପରୋପକାରୀ, ଉଦାରଚେତା, ସୁ-ସଂଗଠକ, ବନ୍ଧୁବତ୍ସଳ, ମିଷ୍ଟ ବ୍ୟକ୍ତି ଥିଲେ ବୋଲି ଗ୍ରାମବାସୀମାନେ କହିଛନ୍ତି ।

## ୨୧ଓ ୨୨ନଂ ଜୋନରେ ବିଜେଡିର ପ୍ରଚାର ଜୋରଦାର

ବାଲିଆପାଳ, ୧୩/୦୨ (ନି.ପ୍ର): ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରଚାର ମଇଦାନ ସେତେ ଜମୁଛି । ଆଜି ବାଲିଆପାଳ ବ୍ଲକ ୨୧ ଓ ୨୨ ନଂ ଜୋନର ବିଜେଡିର ଜିଲା ସଭାପତି ତଥା ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା,ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ,ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ସମେତ ଦଳୀୟ ନେତା ମାନେ ମାରାଥନ ପ୍ରଚାର କରୁଛନ୍ତି । ୨୧ ନଂ ଜୋନରେ ଜିଲା ସଭାପତି ଶ୍ରୀ ଜେନା ବାଇକ ରାଲିରେ ବାଇକରେ ବସି ଶ୍ରୀରାମପୁର,ନିଖିରା,ଦେଭୋଗ,ଅସ୍ତି ପଂଚାୟତ ପରିକ୍ରମା କରି ଅନୁଷ୍ଠିତ ନିର୍ବାଚନୀ ସଭାରେ ଜୋନର ଦଳୀୟ ଜିଲାପରିଷଦ ପ୍ରାର୍ଥୀନୀ କାଂଚନ ଜେନାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ସୋତ୍ରରେ ସାମିଲ ହୋଇ ଅଂଚଳର ବିକାଶକୁ ଆଗେଇ ନେବା ପାଇଁ ଦଳ ସର୍ମଥିତ ସରପଂଚ ଓ ସମିତି ସଦସ୍ୟ ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବାଲେଶ୍ୱର ପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର,ବିଜୁ କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ,ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଦାସ ସମେତ ଦଳୀୟ ନେତୃମଣ୍ଡଳୀ ସାମିଲ ହୋଇଥିଲେ । ସେହିପରି ୨୨ନଂ ଜୋନର କୁଣ୍ଡୁଳୀ ଓ ସାଉଡି ପଂଚାୟତରେ ପୃଥକ ପୃଥକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିବା ବେଳେ ଜିଲାପରିଷଦ ପ୍ରାର୍ଥୀ ନିଶାକର ସେଠୀଙ୍କୁ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ ।

## ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଡିଆରକେ (ବି) ବିଜୟୀ

ବାରିପଦା, ୧୩/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡ଼ିଆ କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଜିଲ୍ଲାର ଜୁନିଅର ଓ ସିନିଅର କ୍ରିକେଟ ଦଳ ଚୟନ ପାଇଁ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ ଲିଗର ଆଜିର ମ୍ୟାଚରେ ଡିଆରକେ (ବି), କରଞ୍ଜିଆ ଦଳକୁ ୧୬୩ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଡିଆରକେ(ବି) ୪୦ ଓଭରରେ ୬ ଉଇକେଟ ହରାଇ ୨୫୮ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଦିବ୍ୟ ରଞ୍ଜନ ଦାସ ୬୩ ରନ, ଉପେନ୍ଦ୍ର ନାୟକ ୫୯ ରନ ଓ ସୁବ୍ରତ ସିଂହ ୫୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମହମ୍ମଦ ଆର୍ସାଦ ରାଜା ଓ ପ୍ରବୀଣ ଘଣା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ କରଞ୍ଜିଆ ଦଳ ୨୩.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୫ ରନ କରିପାରିଥିଲେ । ଦଳ ପକ୍ଷରୁ ନାରାୟଣ ପାତ୍ର ସର୍ବାଧିକ ୨୪ ରନ କରିପାଇଥିଲେ । ବିପକ୍ଷ ଦଳର ମହେଶ ମହାନ୍ତ ଓ ସୁବ୍ରତ କୁମାର ସିଂହ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ସୁବ୍ରତ କୁମାର ସିଂହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ ଦାସ ପରିଚାଳନା କରିଥିବା ବେଳେ ସମ୍ମିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ଆଜିର ଖେଳକୁ ପୂର୍ବତନ ରଣଜି ଖେଳାଳି ସନ୍ଦୀପ ମହାପାତ୍ର ଓ ସଞ୍ଜୟ ମାଇତି ଉଦଘାଟନ କରିବା ସହ ଖେଳାଳି ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ତ୍ତନ ଛାତ୍ର ନେତା ସଂଜୀବ ଆଚାର୍ଯ୍ୟ, ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ପ୍ରସଂଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା କାଲି କରଞ୍ଜିଆ ଓ ମାଆ (ରେଡ) ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଜଣାଇଛନ୍ତି ।

## ମାଣ୍ଡିଆର ମୂଲ୍ୟଜାତ ଉତ୍ପାଦର ବ୍ୟବସାୟୀକରଣ ଉପରେ ଗୁରୁତ୍ୱ

ବାରିପଦା,୧୩/୦୨ (ନି.ପ୍ର): ମୟୁରଭଞ୍ଜ ଜିଲା ଯଶୀପୁରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର(୨) ପରିସରରେ ୧୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟର ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଣ୍ଡିଆର ମୂଲ୍ୟଜାତ ଉତ୍ପାଦର ବ୍ୟବସାୟୀକରଣ ଏବଂ ଜଙ୍ଗଲଜାତ ଦ୍ରବ୍ୟରୁ ଉତ୍ପନ୍ନ ଖାଦ୍ୟ ସାମଗ୍ରୀକୁ ଅଧିକ ବଜାରିକରଣ କରିବାକୁ ମତପ୍ରକାଶ ପାଇଛି । ବୈଠକରେ ଜିଲ୍ଲାସ୍ତରୀୟ ସମସ୍ତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅଧିକାରୀମାନେ ଉଭୟ ପ୍ରତ୍ୟକ୍ଷ ଏବଂ ଅନଲାଇନ ମାଧ୍ୟମରେ ଯୋଗଦେଇ ନିଜନିଜର ମତାମତ ଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ଡ. ଦୀପକ କୁମାର ମହାନ୍ତି କୃଷି ବିଜ୍ଞାନ କେନ୍ଦ୍ରର ଗତବର୍ଷ କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗ, ଉଦ୍ୟାନକୃଷି ବିଭାଗ, ଜଳବାୟୁ ପ୍ରକଳ୍ପ ନିର୍ଦ୍ଦେଶକ, ବ୍ୟାଙ୍କର ଅଗ୍ରଣୀ ପ୍ରବନ୍ଧକ ଓ ନାବାର୍ଡ ଡିଜିଏମ, ମହିଳା ଓ ଶିଶୁ ବିଭାଗ, ପଶୁପାଳନ ବିଭାଗ, ମତ୍ସ୍ୟ ବିଭାଗ, ଜଳସେଚନ ବିଭାଗ, ଓରମାସ, ଜୀବିକା ମିଶନ, ବେସରକାରୀ ସଙ୍ଗଠନର କର୍ମକର୍ତ୍ତା, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟରୁ କେଉଁଝରର ଗବେଷଣା ସହଯୋଗୀ ନିର୍ଦ୍ଦେଶକ ଡ. କିଶୋର କୁମାର ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ସମାଚାର ପତ୍ରିକା ଶିମିଳିପାଳ ଓ ଛତୁ ଚାଷ ପୁସ୍ତିକାକୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।

## ଶିଶୁପାଳଗଡ଼ରେ ବିଜେପିର ପ୍ରଚାର

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶିଶୁପାଳଗଡ଼ ଗ୍ରାମ ପଂଚାୟତରେ ଭାରତୀୟ ଜନତା ପାର୍ଟିର ୨୯ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ସୁଜିତ କୁମାର ବଳବନ୍ତରାୟଙ୍କ ପାଇଁ ପ୍ରଚାର କରିଥିଲେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ । ଘରକୁ ଘର ବୁଲି ସୁଜିତ କୁମାର ବଳବନ୍ତରାୟ ଙ୍କୁ ବିପୁଳ ଭୋଟ୍ ରେ ବିଜୟୀ କରିବା ପାଇଁ ପଂଚାୟବାସୀ ଙ୍କୁ ନିବେଦନ କରିଥିଲେ ଜିଲ୍ଲା ସଭାପତି ବାବୁ ସିଂ । ଏହି ପ୍ରଚାରରେ ବିଜେପି ନେତା ଅରୁଣ ପୁରୋହିତ,ସୁନୀଲ ପ୍ରଧାନ, ସୁରେନ୍ଦ୍ର ପ୍ରଦାନ, ଗିରିଜା ସ୍ୱାଇଁ, ଜୋତ୍ରାମଇ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଂଚାୟତ ନିର୍ବାଚନ ଭୋଟଗଣନା....

ଏତଦ୍‌ବ୍ୟତୀତ ମତଗଣନା କେନ୍ଦ୍ର ନିକଟରେ ଷ୍ଟ୍ରଙ୍ଗରୁମ୍ ନିମନ୍ତେ ଏକ ବଡ଼ କୋଠରୀ ରହିବା ଜରୁରୀ। ଏଠାରେ ଭୋଟ ଗ୍ରହଣ ପରେ ଭୋଟବାକ୍ସ ସହ ଭୋଟ ଗ୍ରହଣ ସଂପର୍କିତ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ରଖାଯିବ। ମତଗଣନା କେନ୍ଦ୍ର ଚିହ୍ନଟ କରିବା ସମୟରେ ସେଠାରେ ଆବଶ୍ୟକ ଚେୟାର, ଟେବୁଲ, ରାମ୍ପ, ପରିସ୍ରାଗାର ଓ ପାନୀୟଜଳର ସୁବିଧା ଦିଗରେ ଦୃଷ୍ଟି ଦେବା ଉଚିତ। ମତଗଣନା କାର୍ଯ୍ୟ ଅସ୍ଥାୟୀ ମତଗଣନା କେନ୍ଦ୍ରରେ କରାଯିବାକୁ ନିର୍ବାଚନ କମିଶନ ସଂପୂର୍ଣ୍ଣ ବାରଣ କରିଛନ୍ତି। ରାଜନୈତିକ ଦଳମାନେ ଯଦି ଚାହାନ୍ତି ଷ୍ଟ୍ରଙ୍ଗରୁମ୍ ର ବାହାରେ ନିର୍ଦ୍ଧାରିତ ସ୍ଥାନରେ ରହି ଭୋଟବାକ୍ସ ଥିବା ଷ୍ଟ୍ରଙ୍ଗରୁମ୍ କୁ ଜଗି ପାରିବେ ବୋଲି ନିର୍ବାଚନ କମିଶନ ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି । ମତଗଣନା କେନ୍ଦ୍ରରେ ଆଲୋକ ବ୍ୟବସ୍ଥା ସହ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ଜରୁରୀ ବ

ବାଲେଶ୍ୱର, ସୋମବାର, ୧୪ ଫେବୃଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ସ୍ୱାମୀ ପ୍ରଣବାନନ୍ଦ ଏକ ଅମ୍ଳାନ ପ୍ରତିଭା

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ଓଡ଼ିଶାର କୋଣ ଅନୁକୋଣରେ ଦୀର୍ଘ ୬୦ବର୍ଷ ଧରି ଆର୍ଯ୍ୟ ସମାଜ, ସ୍ୱାମୀ ଦୟାନନ୍ଦ ଓ ବେଦମାତାଙ୍କର ବାର୍ତା ପ୍ରଚାର କରୁଥିବା ପରିବ୍ରାଜକ ଆର୍ଯ୍ୟସନ୍ନ୍ୟାସୀ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀଙ୍କ ଚତୁର୍ଦ୍ଦଶାହ ଉପଲକ୍ଷେ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଏକ ଶାନ୍ତି ଯଜ୍ଞ ଓ ଶ୍ରଦ୍ଧାଞ୍ଜଳି ସଭା ଆଜି ମଧ୍ୟାହ୍ନରେ ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଅନୁଷ୍ଠାନର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣରେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କହିଲେ ଯେ, ସ୍ୱାମିଜୀ ମହାମୃତ୍ୟୁର ପଥିକ ହୋଇଛନ୍ତି । ମୃତ୍ୟୁକୁ ସେ ଆହ୍ୱାନ କରୁଥିଲେ । ତାଙ୍କ ଶରୀର ତାଙ୍କୁ ସହଯୋଗ କରୁନାହିଁ, ଏଣୁ ପ୍ରଭୁ ତାଙ୍କ ପାଖକୁ ନେଇଯିବାକୁ ସେ ପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ । ବେଦ ବର୍ଣ୍ଣିତ ମୃତ୍ୟୁ ସୁକ୍ତକୁ ଶ୍ରୀ ପଣ୍ଡା ଅତ୍ୟନ୍ତ ସୁନ୍ଦର ଭାବରେ ବାଖ୍ୟା କରିଥିଲେ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ସ୍ୱାମିଜୀଙ୍କୁ ଏକ ଅମ୍ଳାନ ପ୍ରତିଭା ବୋଲି କହିଥିଲେ । ଅନ୍ୟତମ ଅତିଥି ବୁନ୍ଧମନ୍ଦିରର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର କହିଲେ ଯେ, ସ୍ୱାମିଜୀ ବୃତ୍ତିଗତ ବିଦ୍ୟାରେ ଡିଗ୍ରୀ ହାସଲ କରିନଥିଲେ ସତ, କିନ୍ତୁ ସେ ନିରାକାର ବ୍ରହ୍ମଙ୍କର ଉପାସକ ଥିଲେ ଓ ପରମାତ୍ମାଙ୍କ ଦ୍ୱାରା ବର୍ଣ୍ଣିତ ଆତ୍ମାନୁଶାସନ ଉପରେ ଯେଉଁ ଉପଦେଶ ଦେଉଥିଲେ ତାହା ଅତ୍ୟନ୍ତ ଉଚ୍ଚକୋଟୀର ବୋଲି କହିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିନୋଦ ବିହାରୀ ଦାସ ଶାନ୍ତି ଯଜ୍ଞ ପରିଚାଳନା କରିଥିଲେ । ବିଶିଷ୍ଟ ଆର୍ଯ୍ୟସମାଜୀ ପ୍ରେମାନନ୍ଦ ଦାସ, ସମାଜସେବୀ ଆଶୁତୋଷ ମିଶ୍ର, ଦୁଷ୍ମନ୍ତ କିଶୋର ସ୍ୱାଇଁ, ଯଜ୍ଞ ପ୍ରକାଶ ଆର୍ଯ୍ୟ, ସମାଜସେବୀ ବରୁଣରାଜ, ଶ୍ୟାମସୁନ୍ଦର ସେଠ, ଶ୍ରୀମତୀ ଶୁଭଦ୍ରା ସାହୁ, ପ୍ରତାପ ପଟ୍ଟନାୟକ, ଅଭୟ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

## ସଜଫୁଲ ଅନୁଷ୍ଠାନର ସାରସ୍ୱତ ଉତ୍ସବ ଓ ପୁସ୍ତକ ଉନ୍ମୋଚନ

ବାଲିଆପାଳ, ୧୩/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଖଗଡାପାଳଠାରେ ନବଗଠିତ ରମ୍ୟ,ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟ ହାଟ ସଜଫୁଲ ଅନୁଷ୍ଠାନ ପକ୍ଷରୁ ଶନିବାର ସାରସ୍ୱତ ଉତ୍ସବ ଓ ପୁସ୍ତକ ଉନ୍ମୋଚନ ହୋଇଯାଇଛି । ନାରାୟଣ ପ୍ରସାଦ ସାହୁଙ୍କର ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅରବିନ୍ଦ ବେହେରା, ଅଜୟ ସାହୁ, ଭୀମଚରଣ ସାମଲ, ଅଧ୍ୟାପକ ସୁକାନ୍ତ ଗିରି,ବୀରମାଧବ ଦାସ, ଶ୍ରୀହରି ଚରଣ ମଣ୍ଡଳ, ସୁରେନ୍ଦ୍ର ପରିଡା, ସେହ୍ନଲତା ନାୟକ, ଡ.କୃଷ୍ଣାକୁମାରୀ ନାୟକ, ରବୀନ୍ଦ୍ର ଦତ, ପ୍ରଫୁଲ ବାଗ, ସେକ ନିମାଜି, ଅଧ୍ୟାପକ ଦୟାନିଧି ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଜୀବନରେ ହାସ୍ୟରସ ଅନିବାର୍ଯ୍ୟ ବୋଲି କହିଥିଲେ । ଅତିଥିମାନେ ବିଜୟ ପାତ୍ରଙ୍କ ବୀରଯବାନ ଦେଶ ମହାନ ପୁସ୍ତକକୁ ଉନ୍ମୋଚନ କରିଥିଲେ । କବି ବିଜୟ ପାତ୍ର ମଂଚଆହ୍ୱାନ, ସନ୍ୟାସୀ ବେହେରା ବେଦ ପାଠ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ । ଭୀମଚରଣ ବେହେରା, ପୁଷ୍ପଲତା ଜେନା, ସୁରଥ ଦେ, ବିଷ୍ଣୁପ୍ରିୟା ମହାପାତ୍ର, କବିତା ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।

## ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ଜିଲ୍ଲାରେ ପହଂଚିଲା ଭୋଟ ବାକ୍ସ

ବାରିପଦା, ୧୩/୦୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୂର୍ବ ପ୍ରସ୍ତୁତି ଗ୍ରହଣ କରାଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଭୋଟ ବାକ୍ସ ପହଞ୍ଚିଥିବା ବେଳେ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ୫ଟି ପର୍ଯ୍ୟାୟରେ ଜିଲ୍ଲାରେ ପଂଚାୟତ ନିର୍ବାଚନ ହେବାକୁ ଥିବାବେଳେ ଜିଲାର ୨୬ଟି ବ୍ଲକ ମଧ୍ୟରୁ ୭ଟି ବ୍ଲକରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୬ ତାରିଖ ଦିନ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ଖୁଣ୍ଟା, ଗୋପବନ୍ଧୁନଗର, ମୋରଡ଼ା, ଶାମାଖୁଣ୍ଟା, ବାଙ୍ଗିରିପୋଷି, କୁଳିଅଣା ଓ ରାସଗୋବିନ୍ଦପୁର ବ୍ଲକର ୧୫ ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟ ପାଇଁ ୧୫୦୧ ବୁଥରେ ଭୋଟର ମାନେ ନିଜର ମତ ସାବ୍ୟସ୍ତ କରିବେ । ସେହିପରି ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ୧୨୭୯, ୨୦ତାରିଖ ତୃତୀୟ ପର୍ଯ୍ୟାୟରେ ୫୪୦, ୨୨ ତାରିଖ ଚତୁର୍ଥ ପର୍ଯ୍ୟାୟରେ ୧୦୮୭ ଓ ୨୪ ତାରିଖ ୫ମ ପର୍ଯ୍ୟାୟରେ ୯୭୬ ବୁଥରେ ମତଦାନ କାର୍ଯ୍ୟ ସମ୍ପାଦନ ହେବ । ପ୍ରତି ବୁଥରେ ୪ ଜଣ ଲେଖାଏ ଅଧିକାରୀ ନିଯୁକ୍ତ ହୋଇଥିବା ବେଳେ ଜିଲ୍ଲାର ମୋଟ ୫,୩୮୩ ବୁଥ । ପାଇଁ ୩,୪୪୦ ଅକାରୀଙ୍କୁ ଅଦ୍ୟାବଧି ନିର୍ବାଚନ ପରିଚାଳନା ତାଲିମ ପ୍ରଦାନ କରାଯାଇ ଥିବାର ଜଣା ଯାଇଛି ।

## ତ୍ରିସ୍ତରୀୟ ପଂଚାତୟ ନିର୍ବାଚନରେ ନୀଳଗିରି କଂଗ୍ରେସ ଅସ୍ତିତ୍ୱ ହରାଉଛି

ନୀଳଗିରି, ୧୩/୦୨ (ନି.ପ୍ର): ତ୍ରୀସ୍ତରିୟ ପଂଚାୟତ ନିର୍ବାଚନରେ ନୀଳଗିରି ବ୍ଲକର କଂଗ୍ରେସ ଦଳ ଅସ୍ତିତ୍ୱ ହରାଇବାକୁ ବସିଲାଣି । ଫଳରେ ତୃଣମୂଳ ସ୍ତରରେ କର୍ମୀଙ୍କ ମନବଳ ଭାଙ୍ଗିପଡୁଛି । ଏହାର ଫାଇଦା ନେଉଛନ୍ତି ଦୁଇ ପ୍ରମୁଖ ଦଳ ବିଜେପି ଓ ବିଜେଡି । ୨୫ଟି ପଂଚାୟତରେ ଉଭୟ ବିଜେଡି ଓ ବିଜେପି ଦଳ ଜୋରଦାର ପ୍ରସାର ଓ ପ୍ରଚାର କରି ରଣ ହୁଙ୍କାର ଛାଡୁଛନ୍ତି । ଉଭୟ ଦଳପ କ୍ଷରୁ ବିଭିନ୍ନ ପଂଚାୟତରେ ନିର୍ବାଚନି ସଭା ଆୟୋଜିତ କରି ଘର ଘର ବୁଲି ଭୋଟରଙ୍କୁ ଆପଣାଉଛନ୍ତି । ନୀଳଗିରି ବ୍ଲକର ଶାସକ ଓ ବିରୋଧୀ ଦଳ ମଧ୍ୟରେ କଡ଼ା ଟକ୍କର ହେବାରେ ଲାଗିଛି। ମାତ୍ର କଂଗ୍ରେସ ଦଳ ଦୁଇ ଦଳର ରଣ ହୁଙ୍କାରରେ ମୁହଁ ଲୁଚାଇବାକୁ ବସିଲାଣି । ୨୫ଗୋଟି ପଂଚାୟତର କଂଗ୍ରେସର ସ୍ଥିତି ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ବେଳେ କଂଗ୍ରେସ ଦଳ ସମର୍ଥନରେ ଛିଡ଼ା ହୋଇଥିବା ପ୍ରାର୍ଥୀ ମାନେ ଏବେ ଦଳ ଛାଡ଼ି ଅନ୍ୟ ଦଳକୁ ଡିଆଁ ମାରିବା ପାଇଁ ସ୍ଥିର କରିଥିବା ଶୁଣିବାକୁ ମିଳୁଛି । କୌଣସି ପଂଚାୟତରେ କଂଗ୍ରେସ ଦଳ ପକ୍ଷରୁ ସଭାସମିତି, ରାଲି ବାହାରି ନ ଥିବା ବେଳେଦଳ ପକ୍ଷରୁ ଭିଟାମିନ ସୁପ୍ତ ରାଜନୀତିକୁ ଜାଗ୍ରତ କରିବା ପାଇଁ ନବଜ୍ୟୋତି ପଟ୍ଟନାୟକଙ୍କୁ ଗତଶନିବାର ଦିନ ନୀଳଗିରି ଗସ୍ତ କରିଛନ୍ତି । ଶ୍ରୀଯୁକ୍ତ ପଟନାୟକ ଗ୍ରସ୍ତ ଯୋଗୁଁ ପ୍ରାର୍ଥୀମାନଙ୍କ ମଧ୍ୟରେ ଭାଙ୍ଗି ପଡ଼ିଥିବା ମନବଳକୁ ଜାଗ୍ରତ କରାଇଛନ୍ତି ।

## ବାରିପଦା ଆଇଟିଡିଏ ଅଫିସର ପିଛା ଛାଡୁନି ବିବାଦ ଜିଏସଟି ଟିମର ମାରାଥନ ଯାଞ୍ଚ

ବାରିପଦା, ୧୩/୦୨ (ନି.ପ୍ର): ସରକାର ଆଦିବାସୀଙ୍କ ଉନ୍ନୟନ ନାମରେ ପ୍ରତିବର୍ଷ କୋଟିକୋଟି ଟଙ୍କା ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ବ୍ୟୟ କରୁଥିବା ବେଳେ, ଜିଲ୍ଲାରେ ଆଦିବାସୀଙ୍କ ବିକାଶ ପଛରେ ପଡିଥିବା ବେଳେ, କିଛି ଅଫିସର ଯନ୍ତ୍ରୀ ମାଲେମାଲ ହୋଇଥିବାର ଦେଖା ଯାଇଛି । ନିକଟ ଅତୀତରେ ବାରିପଦା ଆଇଟିଡିଏର ସହକାରୀ ଯନ୍ତ୍ରୀ ସନ୍ତୋଷ ଦାସଙ୍କ ଘରେ ବେଆଇନ ସମ୍ପତି ଠୁଳ ମାମଲାରେ ରେକର୍ଡ ପରିମାଣର ନଗଦ ଅର୍ଥ ଓ ସମ୍ପତି ଜବଦ ହୋଇ ସେ ଜେଲ ଯାଇ ଚାକିରୀରୁ ନିଲମ୍ବିତ ହୋଇଥିବା ବେଳେ, ଏବେ ସରକାର ତାଙ୍କୁ ବାଧ୍ୟତା ମୂଳକ ଅବସର ଦେଇଛନ୍ତି । ତେବେ ବାରିପଦା ଆଇଟିଡିଏ ଅଫିସକୁ ସତେ ଯେମିତି ଗ୍ରହଣ ଲାଗିଯାଇଛି । ଗୋଟିଏ ପରେ ଗୋଟିଏ ବିବାଦରେ ଛନ୍ଦି ହୋଇ ଚର୍ଚ୍ଚାରେ ରହୁଛି ଏହି ବାରିପଦା ଆଇଟିଡିଏ କାର୍ଯ୍ୟାଳୟ । ଅତୀତରେ ଜିଏସଟି ଠକେଇ ନେଇ ଅଫିସ ନାମରେ ଅଭିଯୋଗ ହୋଇ ତଦନ୍ତ ଚାଲିଥିବା ବେଳେ, ବର୍ତମାନ ସୁଦ୍ଧା ଠିକାଦାର ଓ ଯନ୍ତ୍ରୀଙ୍କ ନାମରେ ୬୧ ଟି ଜିଏସଟି କେସ ଚାଲିଥିବାର ଜଣା ଯାଇଛି । ଏହି ପରିପ୍ରେକ୍ଷୀରେ ଜିଏସଟିର ଏକ ସ୍ୱତନ୍ତ୍ର ଟିମ ବାରିପଦା ଆଇଟିଡିଏ କାର୍ଯ୍ୟାଳୟରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିଥିବା ଜଣା ଯାଇଛି । ଆଇଟିଡିର ବିଭିନ୍ନ ଫାଇଲ ଓ କମ୍ପ୍ୟୁଟରକୁ ଦୁଇଦିନ ଧରି ଏହି ଟିମ ଅନୁଧ୍ୟାନ କରି ତଥ୍ୟ ସଂଗ୍ରହ କରୁଥିବା ବେଳେ ସେମାନେ ବିଭିନ୍ନ ଫାଇଲର କେରକ୍ସ କପିକୁ ମଧ୍ୟ ଜବତ କରିଥିବା ଜଣାଯାଇଛି । ଉକ୍ତ ଟିମ ଅନ୍ୟାନ୍ୟ କାର୍ଯ୍ୟର ଫାଇଲ ସହ ବିଶେଷ ଭାବରେ ଗତ ୨୦୧୨-୨୦୧୩ ଆର୍ଥିକ ବର୍ଷରେ କାର୍ଯ୍ୟ ସମ୍ପାଦନ ହୋଇଥିବା ବିଭିନ୍ନ ପ୍ରକଳ୍ପର ନଥିପତ୍ରକୁ ଯାଞ୍ଚ କରୁଥିବା ଜଣାପଡ଼ିଛି । ବାରିପଦା ଆଇଟିଡିଏ ଅଧିକାରୀ ଯାଂଚରେ ଅଧିକାରୀଙ୍କୁ ସହଯୋଗ କରାଯାଉଥିବା କହିଥିବା ବେଳେ, ଯାଞ୍ଚ ପ୍ରକ୍ରିୟାରେ କିଛି ଫାଇଲ ହଜିଯାଇଥିବା ଓ ଆଇଟିଡିଏ କର୍ମଚାରୀ ମାନେ ଜିଏସଟି ଟିମଙ୍କୁ ସଠିକ ଭାବେ ସହଯୋଗ କରୁନଥିବ ଅନ୍ଦର ମହଲରେ ଚର୍ଚ୍ଚା ହେଉଛି । ଏଥିସହ ବିଭିନ୍ନ ସମୟରେ ବାରିପଦା ଆଇଟିଡିଏ ନାନା ଦୂର୍ନିତୀରେ ଛନ୍ଦି ହୋଇ ପଡୁଥିବା ମଧ୍ୟ ଦେଖା ଯାଉଛି । ଯାଜପୁର ଜିଏସଟି ମୁଖ୍ୟ କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ଭାବେ ଏକ ୪ଜଣିଆ ଟିମ ବାରିପଦା ଆସି ଏହି ତଦାଉ କରୁଥିବା ଜଣାଯାଇଛି ।

## କଳାପାହାଡ଼ ଭୂମିକାରେ ଅଭିନେତା ଚନ୍ଦନ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ଇତିହାସ ସୃଷ୍ଟି କଲାଭଳି ଚଳଚ୍ଚିତ୍ର 'କଳା ପାହାଡ଼' ନିର୍ମାଣ କରିବାକୁ ଯାଉଛନ୍ତି । ଏହି ଚଳଚ୍ଚିତ୍ରରେ ଅଭିନେତା ଚନ୍ଦନ କର ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିବେ । ଯାହାର ପୋଷ୍ଟର ଓ ମୋସନ ପିକଚ୍‌ର ଭୁବନେଶ୍ୱରସ୍ଥିତ ଗୀତଗୋବନ୍ଦ ସଦନରେ ଲୋକାର୍ପିତ ହୋଇଯାଇଛି । ଏଥିରେ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ଅଭିନେତ୍ରୀ ପ୍ରତିଭା ପଣ୍ଡା, ବରିଷ୍ଠ ସ୍ତମ୍ଭକାର ଅମିୟ ପାଣ୍ଡବ ଓ ବିଜୁ ଛାତ୍ର ଜନତା ଦଳ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ସଭାପତି ଶକ୍ତି ପ୍ରକାଶ ପତି ପ୍ରମୁଖ ଯୋଗ ଦେଇ ଅଭିନେତା ଚନ୍ଦନ କରଙ୍କ ଏହି ନୂତନ ପ୍ରୟାସକୁ ପ୍ରଶଂସା କରିଥିଲେ ।

## ବଲାଙ୍ଗିର ଜିଲ୍ଲାରେ କରୋନା ପ୍ରଭାବ କମୁଛି

ବଲାଙ୍ଗିର,୧୩/୦୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ରେ କରୋନା ନିମ୍ନ ଗାମୀ ହେଉଚି । ଗତ କାଲି ପରିକ୍ଷଣ ରୁ ଆଜି ମିଳିଥିବା ସୂଚନା ଅନୁସାରେ ୯ ରହିଛି । ଆଗଲପୁର ବ୍ଲକ ରେ ୧, ବଲାଙ୍ଗିର ମୁନିସିପାଲଟି ରେ ୨,ବେଲପଡ଼ା ବ୍ଲକ ରେ ୨, ଦେଓଗାଁ ବ୍ଲକ ରେ ୧, ଗୁଡ଼ଭେଲା ବ୍ଲକ ରେ ୧, ଟିଟିଲାଗଡ଼ ମୁନିସିପାଲଟି ରେ ୧, ତୁରେକେଲା ବ୍ଲକ ରେ ୧ ଜଣ କରୋନା ସଂକ୍ରମିତ ବାହାରି ଥିବା ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## 'ମାତୃଭୂମି ମାତୃଭାଷାର ପୂଜାରୀ ଫକୀରମୋହନ' ଲୋକାର୍ପିତ

ବାଲେଶ୍ୱର, ୧୩/୦୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ବଂଶଧର ଶୁଭେନ୍ଦୁ କୁମାର ରାୟଙ୍କ ସଂକଳିତ 'ମାତୃଭୂମି ମାତୃଭାଷାର ପୂଜାରୀ ଫକୀରମୋହନ' ପୁସ୍ତକ କବିତୀର୍ଥ ଶାନ୍ତିକାନନଠାରେ ଲୋକାର୍ପିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଉନ୍ମୋଚକ ଭାବରେ ଯୋଗ ଦେଇ ଡ. ରମାକାନ୍ତ ବେହେରା କହିଲେ ଯେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଗବେଷକ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହି ପୁସ୍ତକଟି ଉପାଦେୟ ସାବ୍ୟସ୍ତ ହେବ । ମୁଖ୍ୟଅତିଥି ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଦେବାଶିଷ ପାତ୍ର କହିଲେ ଯେ ପ୍ରଶ୍ନୋତ୍ତରୀ ଶୈଳୀରେ ରଚିତ ଏହି ପୁସ୍ତକଟି ଅନେକ ଗବେଷକଙ୍କୁ ଗବେଷଣା କାର୍ଯ୍ୟରେ ସହାୟକ ହେବ । ଅନ୍ୟତମ ଅତିଥି କବି ପ୍ରଶାନ୍ତ ଦାସ ନିଜ ବକ୍ତବ୍ୟରେ ଲେଖକଙ୍କର ଏତାଦୃଶ ସାରସ୍ୱତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ତାଙ୍କର ବିଭିନ୍ନ ସାହିତ୍ୟକୃତି ସଂପର୍କରେ ଆଲୋକପାତ କରିଥିଲେ । ଶୁଭେନ୍ଦୁ କୁମାର ରାୟ ଲେଖକୀୟ ଅଭିବ୍ୟକ୍ତି ରଖିଥିବାବେଳେ ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆହ୍ୱାନ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ତପନ ରାୟ, ସୁକାନ୍ତ ଗିରି, ରାଜେଶ ଗିରି, ନିବାରଣ ଜେନା, କରୁଣାକର ସ, ଡ. ଭାଗବତ ପ୍ରସାଦ ଦାସ, ଡ. ଶିରୀଶ ଚନ୍ଦ୍ର ଜେନା, ଅରୁଣା ରାୟ, ସଂଯୁକ୍ତା ବିଶ୍ୱାଳ, ପ୍ରୀତିଲେଖା ଦାସ, ବିନୀତା ସାହୁ, ଶ୍ରେୟା ରାୟ, ଅନନ୍ୟା ରାୟ, ବିଦ୍ୟାଧର ସାହୁ, ତପନ କୁମାର ବିଶ୍ୱାଳ, ଜ୍ୟୋତ୍ସ୍ନା ରାୟ, ରମାକାନ୍ତ ମହାନ୍ତି, ମଧୁସୂଦନ ମାଝୀ, ମାନିନୀ ରାୟ, ଶରତ କୁମାର ମହାପାତ୍ର, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ସଂଜୟ ପଣ୍ଡା, ନିରଞ୍ଜନ ସାହୁ, କମଳାକାନ୍ତ ଦାଶ, ବାସନ୍ତୀ ଦେ, ଶ୍ରୀରୂପା ମଞ୍ଜରୀ ସେନ୍, ଅମ୍ବୁଜ କୁମାର ଦାସ, ପଦ୍ମଲୋଚନ ଦତ୍ତ, ସୁବ୍ରତା ମହାନ୍ତି, ମମତା ଦାସ, ଶାନ୍ତିଲତା ପଣ୍ଡା, ହେମନ୍ତ କୁମାର ଜେନା, ପ୍ରଭାତ ମହାର୍ଣ୍ଣା ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୧୧୪୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୪୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୭୨୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୪୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୫୫୯୯୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୨୩୩୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୪୮ ଜଣଙ୍କ ମଧ୍ୟରୁ ୬୬୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୯୪, ବାଲେଶ୍ୱର ଜିଲ୍ଲାରୁ ୩୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨୫, କଟକରୁ ୬୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୪୩, ଗଂଜାମ ଜିଲ୍ଲାରେ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୬, ଯାଜପୁରରୁ ୩୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୩୩ ,କେନ୍ଦ